## ସଂକ୍ଷେପରେ

### ୧୭୨ଲିଟର ବିଦେଶୀ ମଦ ଜବତ, ୨ ଗିରଫ



ନନ୍ଦପୁର, ୮।୨: ନନ୍ଦପୁର ପୋଲିସ ବୁଧବାର ୧୭୨ ଲିଟର ୮୦୦ ମି.ଲି. ମଦ ଜବତ କରିଛି। ମଦ ଚାଲାଣରେ ବ୍ୟବହୃତ ବୋଲେରୋକୁ ମଧ୍ୟ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଅନୁଜ ସିଂ ଓ ଧୀରଜ ସିଂ ବୋଲି ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି। ନନ୍ଦପୁରରେ ଥିବା ଲାଇସେନ୍ସପ୍ରାପ୍ତ ବିଦେଶୀ ମଦଦୋକାନରୁ ବୋଲେରୋ(ଓଡି୧୦-୬୩୬୩)ରେ ବିଭିନ୍ନ ଗ୍ରାମାଞ୍ଚଳକୁ ବିଦେଶୀ ମଦ ଚୋରା ଚାଲାଣ ହେଉଥିବା ଖବର ପାଇ ସୁବାଇ ଗ୍ରାମ ନିକଟରେ ନନ୍ଦପୁର ଥାନାଧିକାରୀ ପ୍ରଫୁଲ୍ଲ ଲାକ୍ରା, ଏସ୍ଆଇ ଦୀପ୍ତିମୟୀ ଧାରୁଆ, ଏସ୍ଆଇ ବେଦବର ସାହୁ ବୋଲେରୋକୁ ଅଟକାଇ ଯାଞ୍ଚ କରିଥିଲେ। ଗାଡ଼ିରେ ବିପୁଳ ପରିମାଣରେ ବିଦେଶୀ ମଦ ଥିବା ଜଣାପଡିଥିଲା। ଅନୁଜ ଓ ଧୀରଜଙ୍କୁ ଥାନାକୁ ଆଣି ପରେ ଗିରଫକରି କୋର୍ଟଚାଲାଣ କରାଯାଇଥିଲା।

### ୧୯ ବର୍ଷରୁ କମ୍ କ୍ରିକେଟ ଦଳ ଚୟନ

ଜୟପୁର,୮।୨(ନି.ପ୍ର.): ଓଡ଼ିଶା କ୍ରିକେଟ ଆସୋସିଏଶନ ଅନୁବନ୍ଧିତ ଜିଲାର ସମସ୍ତ କ୍ରିକେଟ କ୍ଲବର ଖେଳାଳିମାନଙ୍କୁ ନେଇ ୧୯ବର୍ଷରୁ କମ୍ କ୍ରିକେଟ ଦଳ ଚୟନ କରାଯାଇଛି। ଗତ ସୋମବାର ଏଥିରେ ସାମିଲ ପାଇଁ ପଞ୍ଜୀକରଣ କରାଯାଇଥିବା ବେଳେ ବୁଧବାର ଏହାର ଚୟନ ପ୍ରକ୍ରିୟା ଶେଷ ହୋଇଛି। ବେପାରିଗୁଡ଼ାଠାରେ ଆୟୋଜିତ ଏହି ଚୟନ ପ୍ରକ୍ରିୟାରେ କ୍ରୀଡ଼ା ସଂଘ ସମ୍ପାଦକ ରବି ନାୟକଙ୍କ ସମେତ ଅନ୍ୟ ବରିଷ୍ଠ ଖେଳାଳିମାନେ ଉପସ୍ଥିତ ରହି ଖେଳାଳି ଚୟନ କରିଥିଲେ। ଏଥିରେ ଆଦିତ୍ୟ ଶତପଥୀ, ପ୍ରଥମେଶ ତ୍ରିପାଠୀ, କିରଣ କୁମାର, ଜି. ଅଖିଳ କୁମାର୍, ଲିବ୍ୟ ଦିଶାରି, ଆଖିମ ବେନିଆ, କିଶୋର ଭୋଇ, ଶୁଭମ ପଟ୍ଟନାୟକ, ସେଖ ଫାରଗନ, ବିଷ୍ଣୁ ବି.ପାତ୍ର, ବିକାଶ ନାୟକ, ଆଶୁତୋଷ ପଣ୍ଡା, ପୀୟୂଷ ନାୟକ, ଏମ୍. ଶୈଳେଶ, ଆଦର୍ଶ ଛଟେଦ୍ୟାଙ୍କୁ ଚୟନ କରାଯାଇଛି।

### ପ୍ରଫେସନାଲ ବକ୍ସିଂ ମୁଖ୍ୟ ପ୍ରତିଯୋଗିତାକୁ ଲିଙ୍ଗରାଜ, ଦୀନେଶ ମନୋନୀତ

ଜୟପୁର, ୮।୨ (ନି.ପ୍ର.): ଜୟପୁରସ୍ଥିତ ଅରଜିତ ବକ୍ସିଂ କ୍ଲବରେ ପ୍ରଶିକ୍ଷଣ ନେଇ ଲିଙ୍ଗରାଜ ପୂଜାରୀ (୭୫ କେଜି) ଏବଂ ଦୀନେଶ ମିଶ୍ର (୮୫ କେଜି) ଦିଲ୍ଲୀଠାରେ ଅନୁଷ୍ଠିତ ଦ୍ୱିତୀୟ ପ୍ରଫେସନାଲ ବକ୍ସିଂ ଇଭେଣ୍ଟରେ ଅଂଶଗ୍ରହଣ କରି ଚୟନ ପ୍ରକ୍ରିୟାରେ ଯୋଗ୍ୟ ବିବେଚିତ ହୋଇଛନ୍ତି । ଫେବୃୟାରୀ ୧୧, ୧୨ ଓ ୨୩ରେ ହରିୟାଣାର ପାନିପଥଠାରେ ହେବାକୁ ଥିବା ପ୍ରଫେସନାଲ ବକ୍ସିଂ ମୁଖ୍ୟ ପ୍ରତିଯୋଗିତାରେ ଉଭୟେ ଅଂଶଗ୍ରହଣ କରିବେ। ଏଥିରେ କୃତକାର୍ଯ୍ୟ ହେଲେ ସେମାନେ ୮।୮।୨୦୨୩ରେ ହେବାକୁ ଥିବା ଅନ୍ୟ ଏକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କୋରାପୁଟ ଭଳି ଏକ ଅନୁନ୍ନତ ଜିଲାରୁ ବିନା କୌଣସି ପ୍ରୋତ୍ସାହନରେ ବକ୍ସିଂ ପ୍ରତିଯୋଗିତାରେ ଅଂଶଗ୍ରହଣ ସକାଶେ ଅନ୍ୟ ରାଜ୍ୟକୁ ଯିବା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ପାନିପଥରେ ହେବାକୁ ଥିବା ପ୍ରତିଯୋଗିତାରେ ସେମାନେ ନିଶ୍ଚିତ କୃତକାର୍ଯ୍ୟ ହେବେ ଏବଂ ସ୍ୱର୍ଣ୍ଣପଦକ ହାସଲ କରିବେ ବୋଲି ବକ୍ସିଂ କ୍ଲବର କୋଚ ଅରିଜିତ୍ ମହାପାତ୍ର କହିଛନ୍ତି ।

### ଶୋଭାଯାତ୍ରା କରି ଦାବି ଜଣାଇଲେ ଦେଶିଆ ନାଟଗୁରୁ ସଙ୍ଗଠନର କଳାକାର

ମାଲକାନଗିରି,୮।୨(ଡି.ଏନ୍.ଏ.): ମାଲକାନଗିରି ଜିଲାର ମାଲ୍ୟବନ୍ତ ଦେଶିଆ ନାଟଗୁରୁ ସାଂସ୍କୃତିକ ସଙ୍ଗଠନ ବୁଧବାର ୧୫ ଦଫା ଦାବି ନେଇ ରାସ୍ତାକୁ ଓହ୍ଲାଇଛି। ମାଲକାନଗିରି ସଦର ମହକୁମା ହାଟପଦାଠାରୁ ପାରମ୍ପରିକ ବେଶଭୂଷାରେ କଳାକାରମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମାକରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଶେଷକରି ରାଜ୍ୟର ପ୍ରାଚୀନ କଳା ଓ ସଂସ୍କୃତିର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ କଳାକାରଙ୍କ ଉନ୍ନତି ସକାଶେ ମାସିକ ୧୨ ଶହ ଟଙ୍କା ଭତ୍ତା ପ୍ରଦାନ କରୁଛନ୍ତି। ଏହାକୁ ବୃଦ୍ଧି କରି ମାସିକ ୩ ହଜାର ଟଙ୍କା କରିବା, କଳାକାରଙ୍କ ମୃତ୍ୟୁ ଘଟିଲେ ତାଙ୍କ ସ୍ତ୍ରୀଙ୍କୁ କଳାକାର ଭତ୍ତା ପ୍ରଦାନ କରିବା ସହ ଅନ୍ୟାନ୍ୟ ଦାବି ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ ରହିଛି।

# ମାଛକୁଣ୍ଡ ଜଳବିଦ୍ୟୁତ୍ କେନ୍ଦ୍ରର ଉତ୍ପାଦନ କ୍ଷମତା ବଢ଼ିବ

କୋରାପୁଟ, ୮।୨(ସ୍ୱ.ପ୍ର.)

ଆନ୍ଧ୍ର ପ୍ରଦେଶ ଏବଂ ଓଡ଼ିଶାର ମିଳିତ ଭାବେ ପରିଚାଳିତ ହେଉଥିବା ମାଛକୁଣ୍ଡ ଜଳ ବିଦ୍ୟୁତ୍ କେନ୍ଦ୍ର କାର୍ଯ୍ୟକ୍ଷମ ହେବାର ଦୀର୍ଘ ବର୍ଷ ପରେ ବର୍ତ୍ତମାନ ଏହାର ବିଦ୍ୟୁତ୍ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ଭିତ୍ତିଭୂମି ବିକାଶ କାର୍ଯ୍ୟ ଚାଲିଛି। ଏନେଇ ଆନ୍ଧ୍ର ଓ ଓଡ଼ିଶାରୁ ମଙ୍ଗଳବାର ଜଳଭଣ୍ଡାର ପରିଦର୍ଶନରେ ଆସିଥିବା ବରିଷ୍ଠ ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି। ୧୯୫୫ରୁ ନିର୍ମାଣ ହୋଇଥିବା ଏହି କମନୱେଲ୍‌ଥ ପ୍ରକଳ୍ପ ଗତ ୬ ଦଶନ୍ଧି ଧରି ଦିନ ରାତି ଚାଲିଛି। ପ୍ରକଳ୍ପର ବେଳେବେଳେ ମରାମତି କାର୍ଯ୍ୟ କରାଯାଇ ବିଦ୍ୟୁତ୍ ଉତ୍ପାଦନ ଜାରି ରହିଥିଲା। ପ୍ରକଳ୍ପର ୬ଟି ଜେନେରେଟର ମଧ୍ୟରୁ ୩ଟି ଚାଲୁଥିଲା । ଗତ କିଛି ମାସ ତଳେ ପ୍ରକଳ୍ପରୁ ପୂର୍ଣ୍ଣ କ୍ଷମତାରେ ବିଦ୍ୟୁତ୍ ଉତ୍ପାଦନ କରାଯିବାକୁ ନିଷ୍ପତ୍ତି ନିଆଯାଇ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରକଳ୍ପକୁ ପ୍ରାୟ କିଛି ସପ୍ତାହ ବନ୍ଦ କରାଯାଇ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟ କରାଯାଇଥିଲା । ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁ ପ୍ରକଳ୍ପ ଅଚଳ ଥିବା ୩ଟିଯାକ ଜେନେରେଟର ଚାଲିଥିଲା। ଏବେ ସବୁତକ ୬ଟିଯାକ ଜେନେରେଟର କାର୍ଯ୍ୟକ୍ଷମ ହୋଇଛି। ଏବେ ଏହି ଜଳବିଦ୍ୟୁତ୍ ପ୍ରକଳ୍ପରୁ ଦୈନିକ ୧୨୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହେଉଛି । ପ୍ରକଳ୍ପର ଯନ୍ତ୍ରପାତିଗୁଡିକୁ ଆଧୁନିକୀକରଣ କରାଯାଇ ଏହାର ଦୈନିକ ବିଦ୍ୟୁତ୍ ଉତ୍ପାଦନ କ୍ଷମତାକୁ ୧୫୦ ମେଗାୱାଟକୁ ବୃଦ୍ଧି କରାଯିବା ପାଇଁ ଯୋଜନା ରହିଛି ବୋଲି ଓଡିଶା ହାଇଡ୍ରୋ ଇଲେକ୍ଟ୍ରିକ ପ୍ରଡକ୍ସନ କମ୍ପାନୀ (ଓଏଚ୍‌ପିସିର)ଅପରେଶନ ନିର୍ଦ୍ଦେଶକ ଆଶିଷ ମହାନ୍ତି ସୂଚନା ଦେଇଛନ୍ତି। ଏଥିସହିତ ଏପିଜେନକୋ ସହ ମିଳିତ ଉଦ୍ୟମରେ ମାଛକୁଣ୍ଡର ତଳ ଭାଗରେ ଏକ ୨୦ ମେଗାୱାଟ୍ ପାୱାର ପ୍ଲାଣ୍ଟ ନିର୍ମାଣ କରାଯିବା ସହ ଜଳଭଣ୍ଡାରର ତଳ ଭାଗରେ ଏକ ୧୮ ମେଗାୱାଟ୍‌ର ବିଦ୍ୟୁତ୍ ପ୍ରକଳ୍ପ ପାଇଁ ଭବିଷ୍ୟତରେ କରାଯିବାକୁ ଲକ୍ଷ୍ୟ ରହିଛି । ସେହିପରି ମାଲକାନଗିରି ଜିଲାର ବାଲିମେଳା ଜଳବିଦ୍ୟୁତ୍ ପ୍ରକଳ୍ପରେ ମଧ୍ୟ ଅତିରିକ୍ତ ୬୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ପାଇଁ ଏକ ଅତିରିକ୍ତ ବିଦ୍ୟୁତ୍ ପ୍ରକଳ୍ପ କରାଯିବା ଯୋଜନା ରହିଥିବା ମହାନ୍ତି କହିଛନ୍ତି। ନିର୍ଦ୍ଦେଶକ ମହାନ୍ତିଙ୍କ ସହ ବନ ବିଭାଗର ଚିଫ୍ କଞ୍ଜରଭେଟର ସୁଶାନ୍ତ ନନ୍ଦ ମଧ୍ୟ ଡୁଡୁମା ଜଳପ୍ରପାତ ଓ ଜଳ ବିଦ୍ୟୁତ୍ କେନ୍ଦ୍ର ପରିଦର୍ଶନ କରି ଏହି ସମସ୍ତ ପ୍ରକଳ୍ପର ଉନ୍ନତି ନେଇ ତାଙ୍କ ବିଭାଗ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି କହିଛନ୍ତି। ଡୁଡୁମା ଜଳପ୍ରପାତ ନିକଟରେ ପର୍ଯ୍ୟଟନର ମଧ୍ୟ ବିକାଶ କରାଯିବ। ଏସମ୍ପର୍କରେ ସେ ଜିଲା ପ୍ରଶାସନ ସହିତ ଆଲୋଚନା କରିବେ ବୋଲି ନନ୍ଦ ପ୍ରକାଶ କରିଛନ୍ତି।

# ଭାରତ ରାଷ୍ଟ୍ର ସମିତି ପ୍ରଭାବ ଓଡ଼ିଶାରେ ପଡ଼ିବନି: ତେଜେଶ୍ୱର




ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

କୋରାପୁଟ,୮।୨(ସ୍ୱ.ପ୍ର.)

ଭାରତ ରାଷ୍ଟ୍ର ସମିତି ଓଡ଼ିଶାରେ କିଛି ପ୍ରଭାବ ପକାଇବ ନାହିଁ ବୋଲି ରାଜ୍ୟ ଭାଜପା ସହ ସଂଯୋଜକ ତେଜେଶ୍ୱର ପରିଡ଼ା କହିଛନ୍ତି। କୋରାପୁଟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପରିଡ଼ା କହିଛନ୍ତି, ଭାରତ ରାଷ୍ଟ୍ର ସମିତିର ନିଜଗଡ଼ରେ ଗୋଡ଼ ତଳୁ ମାଟି ଖସିଗଲାଣି । ଲୋକଙ୍କୁ ଭ୍ରମିତ କରିବା ପାଇଁ ଏହି ସମିତି ଗଠନ କରାଯାଇଛି। ତେଲଙ୍ଗାନାରେ ଭାଜପା ଆଗକୁ ମାଡ଼ି ଚାଲିଛି। ଆସନ୍ତା ସାଧାରଣ ନିର୍ବାଚନରେ ଭାଜପା ସେଠାରେ ସରକାର ଗଠନ କରିବ ବୋଲି ମତ ଦେଇଥିଲେ। ଓଡ଼ିଶା ସମ୍ପର୍କରେ ସୂଚନା ଦେଇ ସେ କହିଲେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଆଗାମୀ ଦିନରେ ଓଡ଼ିଶାରେ ଭାଜପା ଏକ ଦୃଢ ଦଳ ଭାବରେ ଉଭାହେବ। କେନ୍ଦ୍ର ସରକାର ଚଳିତ ରେଲୱେ ବଜେଟରେ ରାଜ୍ୟ ସରକାରଙ୍କ ଦାବି ଅର୍ଥରୁ ଅଧିକ ଦେଇ କେନ୍ଦ୍ର ସରକାର ରାଜ୍ୟର ରେଲୱେ କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟ ରଖିଥିବା ସ୍ପଷ୍ଟ କରିଛନ୍ତି। କୋରାପୁଟ ଜିଲାର ଜୟପୁର, କୋରାପୁଟ ଓ ଦାମନଯୋଡ଼ି ରେଳ ଷ୍ଟେଶନକୁ ଆଦର୍ଶ ଷ୍ଟେଶନ ଭାବେ ଗଢି ତୋଳିବାକୁ ସେହି ଅନୁସାରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଥିବା ସେ ପ୍ରକାଶ କରିଥିଲେ। ଏହି ଅବସରରେ ସେ କେନ୍ଦ୍ରର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ଅନ୍ୟ ଯୋଜନାକୁ ରାଜ୍ୟ ସରକାର ହରିଲୁଟ କରୁଥିବା ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୂର୍ଣ୍ଣିମା ନାୟକ, ନଗର ମଣ୍ଡଳ ସଭାପତି ସିଦ୍ଧାର୍ଥ ଶଙ୍କର ମୁଦୁଲି ଉପସ୍ଥିତ ଥିଲେ ।

# ପାଚିକା ସଂଘ ପକ୍ଷରୁ ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର




ପାଚିକା ସହାୟିକାମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

ମାଥିଲି,୮।୨(ଡି.ଏନ୍.ଏ.)

ସରକାରଙ୍କ ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନଭୋଜନ କାର୍ଯ୍ୟରେ ନିୟୋଜିତ ପାଚିକା ଓ ସହାୟିକାମାନେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ସର୍ବନିମ୍ନ ମଜୁରିରୁ ବଞ୍ଚିତ କରାଯାଇଛି। ସେମାନଙ୍କ ସାମାଜିକ ସୁରକ୍ଷା ବ୍ୟବସ୍ଥା ଏଯାଏ ସରକାର କରିନାହାନ୍ତି। ଏନେଇ ବୁଧବାର ମାଲକାନଗିରି ଜିଲା ମାଥିଲି ବ୍ଲକ ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକା ସଂଘ ସଭାପତି ଉତ୍ତମ ମଲ୍ଲିକ ଓ ସମ୍ପାଦିକା ଥିଲିକା ପୂଜାରୀଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ବିଦ୍ୟାଳୟର ପାଚିକା ଓ ସହାୟିକାମାନେ ଏକତ୍ରିତ ହୋଇଥିଲେ। ସେମାନେ ଶହୀଦ ଲକ୍ଷ୍ମଣ ନାୟକ ଭବନଠାରୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମାକରି ମାଥିଲି ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ଶଶିଭୂଷଣ ମିଶ୍ରଙ୍କ କାର୍ଯ୍ୟାଳୟରେ ପହଞ୍ଚି ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ୧।୧୨।୨୦୦୯ରୁ କେନ୍ଦ୍ର ସରକାର ପାଚିକା ଓ ସହାୟିକାମାନଙ୍କ ପ୍ରାପ୍ୟ ୧ ହଜାର ଟଙ୍କା ସ୍ଥିର କରିଥିଲେ ମଧ୍ୟ ୧।୧୨।୨୦୦୯ରୁ ୩୧।୩।୨୦୧୨ ପର୍ଯ୍ୟନ୍ତ ପାଚିକା ଓ ସହାୟିକାଙ୍କୁ ସରକାର ଯଥାକ୍ରମେ ୬୦୦ ଓ ୪୦୦ ଟଙ୍କା ଲେଖାଏ ଦେଉଥିଲେ। ସେମାନଙ୍କ ୨୮ ମାସର ବକେୟା ପ୍ରାପ୍ୟ ପ୍ରଦାନ କରାଯିବାକୁ ସେମାନେ ଦାବି କରିଛନ୍ତି। ୧୦ ମାସ ବଦଳରେ ୧୨ ମାସ ପ୍ରାପ୍ୟ ଦେବା, ୬୦ ବର୍ଷ ପରେ ଛଟେଇ ହେଉଥିବା ପାଚିକା ଓ ସହାୟିକାଙ୍କୁ ଅବସର କାଳୀନ ପ୍ରାପ୍ୟ ପ୍ରଦାନ କରିବା, ଯେଉଁ ବିଦ୍ୟାଳୟରେ କମ୍ ଛାତ୍ରୀଛାତ୍ର ଥିବାରୁ ଅବା ମିଶ୍ରଣ ଯୋଗୁ ଯେଉଁ ପାଚିକା ଓ ସହାୟିକାଙ୍କୁ ଛଟେଇ କରାଯାଇଛି ସେମାନଙ୍କୁ ନିଜ ବ୍ଲକର ଖାଲିଥିବା ବିଦ୍ୟାଳୟଗୁଡ଼ିକରେ ନିୟୋଜିତ କରିବା, ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଭିତ୍ତିରେ ପାଚିକାମାନଙ୍କୁ ନିଯୁକ୍ତି ଏବଂ ସେମାନଙ୍କୁ ବାର୍ଷିକ ୧୫ ଦିନ ଛୁଟି ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଜୟପୁର,୮।୨ (ନି.ପ୍ର.)

ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ଜୟପୁରର ଆମ୍ବାଗୁଡା ଗ୍ରାମରେ ସଡ଼କ ସୁରକ୍ଷା, ମୋଟର ଦୁର୍ଘଟଣା ଟ୍ରିବ୍ୟୁନାଲ ଦାବି ଓ ମୋଟର ଯାନ ନିୟମ ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ସୁମନ ଜେନା, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ତପନ ବେଟି, ଏସ୍ଆଇ ପ୍ରଶାନ୍ତ ମହାନ୍ତି, ସରକାରୀ ଓକିଲ ଡ. ବି. ଗାୟିତ୍ରୀ ଦେବୀ, ଆମ୍ବାଗୁଡା ସରପଞ୍ଚ, ପିଇଓ ଓ ପାରା ଲିଗାଲ ସ୍ୱେଚ୍ଛାସେବୀ ରାଜ ପୁଲକ ମହାନ୍ତିଙ୍କ ସହ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀ ମୋଟର ଯାନ ସଂଶୋଧନ ଅଧିନିୟମ-୨୦୧୯, ଦଣ୍ଡବିଧାନ, ଲାଇସେନ୍ସ, ପଞ୍ଜୀକରଣ ଏବଂ ଜାତୀୟ ପରିବହନ ନୀତିନିୟମ ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ବାଇକ୍ ଚାଳକମାନେ ହେଲ୍‌ମେଟ ବ୍ୟବହାର କରିବା, ଡ୍ରାଇଭିଂ ଲାଇସେନ୍ସ, ପ୍ରଦୂଷଣ ସାର୍ଟିଫିକେଟ, ବୀମା ସାର୍ଟିଫିକେଟ ରଖିବା, ଦ୍ରୁତଗତିରେ ଗାଡି ନ ଚଳେଇବା, ଗାଡି ଶିଟ୍ ବେଲ୍ଟ ବ୍ୟବହାର କରିବା ନେଇ ସଚେତନ କରିଥିଲେ।

# ୨ ଛାତ୍ରୀ ୪ ଦିନ ପରେ ଫେରିଲେ

**ଲାଉରିଗୁଡ଼ା ସରକାରୀ ବିଦ୍ୟାଳୟର**

କୋରାପୁଟ, ୮।୨(ସ୍ୱ.ପ୍ର.)

କୋରାପୁଟ ବ୍ଲକ ଅନ୍ତର୍ଗତ ମଙ୍ଗଳ ବିଭାଗ ଅଧୀନରେ ଥିବା ଲାଉରିଗୁଡ଼ା ସରକାରୀ ବିଦ୍ୟାଳୟର ଷଷ୍ଠଶ୍ରେଣୀର ୨ ଜଣ ଛାତ୍ରୀ ଗତ ଶନିବାରରୁ ବିଦ୍ୟାଳୟରୁ କେଉଁଆଡ଼େ ଚାଲିଯାଇଥିଲେ। ୪ ଦିନ ପରେ ଛାତ୍ରୀ ଦ୍ୱୟ ବିଦ୍ୟାଳୟକୁ ଫେରିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ଏପରି ଘଟଣା ଘଟିଥିବା ସାଧାରଣରେ ଆଲୋଚନା ହେଉଛି।

ମିଳିଥିବା ଖବରରୁ ଜଣାଯାଇଛି, ଗତ ଶନିବାର କୋରାପୁଟ ବ୍ଲକର ଲାଉରିଗୁଡ଼ା ସରକାରୀ ବିଦ୍ୟାଳୟର ଉକ୍ତ ୨ଛାତ୍ରୀ ସେମାନଙ୍କ ଦୂର ସମ୍ପର୍କୀୟ ଭାଇଙ୍କ କହିବା ଅନୁଯାୟୀ, ତାଙ୍କର ଜଣେ ସାଙ୍ଗ ଛାତ୍ରୀଙ୍କ ପରିବାର ସଦସ୍ୟ ଅସୁସ୍ଥତା ବିଷୟରେ ବିଦ୍ୟାଳୟରେ ଥିବା ଶିକ୍ଷକଙ୍କୁ କହି ଛାତ୍ରୀ ଦ୍ୱୟଙ୍କୁ ନେଇ ଆସିଥିଲେ । ଛାତ୍ରୀମାନେ ସେମାନଙ୍କ ମାଥିଲି ଅଞ୍ଚଳରେ ଥିବା ନିଜ ଗ୍ରାମକୁ ନ ଯାଇ ତାଙ୍କର ଦୂର ସମ୍ପର୍କୀୟ ଭାଇଙ୍କ ଘରେ ରହିଥିଲେ । ଅନ୍ୟପକ୍ଷରେ ୨ ଜଣ କେଉଁଆଡ଼େ ଗଲେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜାଣିବା ପରେ ଏନେଇ ସଦର ଥାନାରେ ଛାତ୍ରୀଙ୍କ ନିଖୋଜ ନେଇ ସଦର ଥାନାରେ ସୋମବାର ଏତଲା ଦେଇଥିଲେ। ଘଟଣା ନେଇ ଛାତ୍ରୀଙ୍କ ପରିବାର ମଧ୍ୟ ମଙ୍ଗଳବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ସ୍ଥାନୀୟ ସଦର ଥାନା ଯାଇ ଥାନା ଅଧିକାରୀଙ୍କୁ ଛାତ୍ରୀଙ୍କ ନିଖୋଜ ବିଷୟରେ ଜଣାଇଥିଲେ। ଏତଲା ପରେ ସଦର ଥାନା ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା । ଏ ସମ୍ପର୍କରେ ସୂଚନା ପାଇ ସମ୍ପୃକ୍ତ ଦୂର ସମ୍ପର୍କୀୟ ଭାଇଁ ମଙ୍ଗଳବାର୨ ଛାତ୍ରୀଙ୍କୁ ନେଇ ମଙ୍ଗଳବାର ବିଦ୍ୟାଳୟରେ ପହଞ୍ଚିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ସଦର ଥାନାକୁ ନେବାକୁ କହିବା ପରେ ଛାତ୍ରୀଙ୍କୁ ଧରି ସେ ଥାନାରେ ପହଞ୍ଚି ପୋଲିସ ସମ୍ମୁଖରେ ସବୁକଥା କହିଥିଲେ। ଘଟଣା ନେଇ ଜିଲାପାଳ ଅବଦାଲ ଏମ୍. ଅଖତାର ଘଟଣାର ତଦନ୍ତ ପାଇଁ ଜିଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅନୁପମା ପାଙ୍ଗୀଙ୍କୁ ପଚାରିବାରୁ ସେ କହିଲେ, ଶନିବାର ବ୍ୟାଙ୍କ କାମରେ ସେ କୋରାପୁଟ ଯାଇଥିବାବେଳେ ଏପରି ଘଟଣା ଘଟିଛି। ତେବେ ଏଥିରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଅଭିଯୋଗ ଉଠିଛି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡିଙ୍କୁ ପଚାରିବାରୁ ସେ କହିଲେ, କେଉଁ ପରିସ୍ଥିତିରେ ବିଦ୍ୟାଳୟରୁ ୬ଷ୍ଠ ଶ୍ରେଣୀର ଏହି ୨ ଛାତ୍ରୀ ବିଦ୍ୟାଳୟ ଛାଡ଼ିଥିଲେ ସେନେଇ ତଦନ୍ତ ଆରମ୍ଭ ହୋଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ କିଛି ଜାଣି ନ ଥିବା, କର୍ତ୍ତୃପକ୍ଷ ଏନେଇ ସୋମବାର କୋରାପୁଟ ସଦର ଥାନାରେ ଛାତ୍ରୀଙ୍କ ନିଖୋଜ ନେଇ ଏତଲା ଦେବା ଏବଂ ମଙ୍ଗଳବାର ୨ ଛାତ୍ରୀଙ୍କୁ ତାଙ୍କ ସମ୍ପର୍କୀୟ ଭାଇଁ ସଦର ଥାନାକୁ ଉଭୟ ଛାତ୍ରୀଙ୍କୁ ହସ୍ତାନ୍ତର କରିବା ଘଟଣା ତଦନ୍ତ କରାଯାଉଛି। ତଦନ୍ତ ପରେ ସବୁ ସ୍ପଷ୍ଟ ହେବ ବୋଲି ସେ କହିଥିଲେ।

# ସ୍ତ୍ରୀଙ୍କ ମୃତଦେହ କାନ୍ଧେଇ ନେଉଥିବା ସ୍ୱାମୀଙ୍କୁ ଯୋଗାଇ ଦେଲା ଆମ୍ବୁଲାନ୍ସ

**ମାନବିକତା ଦେଖାଇଲା ଆନ୍ଧ୍ର ପୋଲିସ**

ପଟ୍ଟାଙ୍ଗି,୮।୨(ଡି.ଏନ.ଏ.)

ପଡୋଶୀ ଆନ୍ଧ୍ର ରାଜ୍ୟର ଏକ ମେଡିକାଲରେ ଓଡ଼ିଶାର ଚିକିତ୍ସାଧୀନ ଜଣେ ମହିଳାଙ୍କ ମୃତ୍ୟୁ ପରେ ତାଙ୍କ ସ୍ୱାମୀ ଅର୍ଥ ଅଭାବରୁ ଆମ୍ବୁଲାନ୍ସ କରି ନ ପାରି ମୃତଦେହ କାନ୍ଧରେ ବୋହି ଚାଲିଚାଲି ଗ୍ରାମକୁ ଆଣୁଥିଲେ। ବିଜୟନଗରମ୍‌ଠାରେ ତାଙ୍କୁ ପୋଲିସ ଅଟକାଇ ସବୁକଥା ଜାଣିବା ପରେ ଏକ ଆମ୍ବୁଲାନ୍ସ କରି ତାଙ୍କୁ ଗ୍ରାମକୁ ପଠାଇଛି। ପୋଲିସର ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ଖବରରୁ ଜଣାପଡିଛି, କୋରାପୁଟ ଜିଲା ପଟ୍ଟାଙ୍ଗି ଅଞ୍ଚଳର ଅମ୍ବାବାଲି ନିକଟସ୍ଥ ସୋରଡା ଗ୍ରାମର ଏଡେ ସମୁଲୁ ଓ ସ୍ତ୍ରୀ ଏଡେ ଗୁରୁ ଆନ୍ଧ୍ରର ବିଶାଖାପାଟଣା ଅଞ୍ଚଳରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ହଠାତ ସ୍ତ୍ରୀ ଏଡେ ୭ଦିନ ତଳେ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ନେଇ ସମୁଲୁ ବିଶାଖାପାଟଣା ଅଞ୍ଚଳର ସାଗରପୋଲସା ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଏଡେଙ୍କ ବୁଧବାର ମୃତ୍ୟୁ ହୋଇଥିଲା। ଏଡେଙ୍କ ମୃତ୍ୟୁ ପରେ ମୃତଦେହ ଗ୍ରାମକୁ ନେବାକୁ ପାଖରେ ଅର୍ଥ ନ ଥିଲା। ତେଣୁ ସମୁଲୁ ଅନେକ ଚେଷ୍ଟା କରି ଆମ୍ବୁଲାନ୍ସ ଯୋଗାଡ କରି ନ ପାରିବାରୁ ଏଡେଙ୍କ ମୃତଦେହ କାନ୍ଧରେ ବୋହି ଓଡ଼ିଶାର କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ଅମ୍ବାବାଲି ଗ୍ରାମକୁ ଆଣୁଥିଲେ। ଆନ୍ଧ୍ରର ବିଜୟନଗର ପାଖାପାଖି ପହଞ୍ଚିଥିବା ବେଳେ ତାଙ୍କୁ ଦେଖି ସ୍ଥାନୀୟ ଅଞ୍ଚଳର ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ତତ୍କ୍ଷଣାତ୍ ସେଠାରେ ପହଞ୍ଚି ମୃତଦେହ ବୋହି ନେଉଥିବା ସମୁଲୁଙ୍କୁ ପଚରାଉଚରା କରିଥିଲା। ସେ ସବୁ କଥା କହିବା ପରେ ବିଜୟନଗର ଗ୍ରାମାଞ୍ଚଳ ପୋଲିସ ଏସ୍ଆଇ କିରଣ କୁମାର ସହଯୋଗର ହାତ ବଢାଇ ତାଙ୍କ ପାଇଁ ଏକ ଆମ୍ବୁଲାନ୍ସ ବ୍ୟବସ୍ଥା କରି ମୃତଦେହ ତାଙ୍କ ଗ୍ରାମକୁ ପଠାଇଥିଲେ। ଅନ୍ୟପକ୍ଷରେ ଏନେଇ ସୁଙ୍କି ଏବଂ ପଟ୍ଟାଙ୍ଗି ପୋଲିସକୁ ଯୋଗାଯୋଗ କରିବାରୁ ଏପରି ଘଟଣା ସମ୍ପର୍କରେ ସେମାନଙ୍କ ପାଖରେ କୌଣସି ଖବର ନ ଥିବା ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ସମୁଲୁ ପଟ୍ଟାଙ୍ଗିର ଯେଉଁ ଗ୍ରାମର ନାଁ କହୁଥିଲେ ତାହା ବିଜୟନଗର ପୋଲିସ ବୁଝିପାରି ନ ଥିଲା। ପଟ୍ଟାଙ୍ଗିରେ ପହଞ୍ଚି ସେ ଯେଉଁ ରାସ୍ତାରେ ଯିବାକୁ ପରାମର୍ଶ ଦେବେ, ସେହି ରାସ୍ତାରେ ନେଇ ତାଙ୍କ ଗ୍ରାମରେ ପହଞ୍ଚାଇବାକୁ ଡ୍ରାଇଭରଙ୍କୁ କହି ପୋଲିସ ମୃତଦେହ ପଠାଇଛି।

## କିରାଣି ସାକ୍ଷାତ୍‌କାର ଫଳାଫଳ ପ୍ରକାଶ ଦାବିରେ ଧାରଣା ଦେଲେ ପ୍ରାର୍ଥୀ




ଧାରଣାରେ ବସିଥିବା ପ୍ରାର୍ଥୀମାନେ।

ପଟ୍ଟାଙ୍ଗି,୮।୨(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମାସ୍ଥିତ ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ କିରାଣି ନିଯୁକ୍ତି ନେଇ ସାକ୍ଷାତ୍‌କାର ହୋଇଥିଲା। ୨ମାସରୁ ଉର୍ଦ୍ଧ୍ୱ ହେଇଯାଇଥିଲେ ମଧ୍ୟ ଏହାର ଫଳଫଳ ପ୍ରକାଶ ପାଇନାହିଁ। ଫଳରେ ଏଥିରେ ଅନିୟମିତତା କରାଯାଉଥିବା ସନ୍ଦେହକରି ସାକ୍ଷାତ୍‌କାର ଦେଇଥିବା କେତେଜଣ ପ୍ରାର୍ଥୀ ବୁଧବାର ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ମହାବିଦ୍ୟାଳୟ ପାଇଁ ଆବଶ୍ୟକ ଗୋଟିଏ କିରାଣି ପଦବୀ ପୂରଣ ଲାଗି ବିଜ୍ଞାପନ ପ୍ରକାଶ ପାଇଥିଲା। ଏନେଇ ଆବେଦନ କରିଥିବା ପ୍ରାର୍ଥୀଙ୍କ ଡିସେମ୍ବର ୪ରେ ସାକ୍ଷାତ୍‌କାର ହୋଇଥିଲା। ଉକ୍ତ ସାକ୍ଷାତ୍‌କାରକୁ ଇତିମଧ୍ୟରେ ୨ ମାସରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଫଳାଫଳ ପ୍ରକାଶ ପାଇନାହିଁ। ପ୍ରଥମେ ଏହି ପ୍ରାର୍ଥୀମାନେ ମହାବିଦ୍ୟାଳୟରେ ପହଞ୍ଚି ଅଧ୍ୟକ୍ଷ ଜନ୍ମେଶ୍ୱର ସାହୁଙ୍କୁ ଭେଟି ଆଲୋଚନା କରିଥିଲେ। ମାତ୍ର ଆଲୋଚନରୁ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ସେମାନଙ୍କର ଅଧ୍ୟକ୍ଷ ସାହୁଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଶେଷରେ ସାକ୍ଷାତ୍‌କାର ଫଳ ପ୍ରକାଶ ନ ହେବା ଯାଏ ସେମାନେ ଧାରଣା ଦେବେ କହି ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଆସନ୍ତା ରବିବାର ପରିଚାଳନା କମିଟି ବୈଠକ ବସିବ। ପରେ ଅଟକି ରହିଥିବା ସାକ୍ଷାତ୍‌କାରର ଫଳାଫଳ ପ୍ରକାଶ କରାଯିବ ବୋଲି ଅଧ୍ୟକ୍ଷ ସାହୁ ପ୍ରତିଶ୍ରୁତି ଦେବା ପରେ ଆସାୟୀ ପ୍ରାର୍ଥୀମାନେ ଧାରଣାରୁ ଉଠିଥିଲେ।

# ଗୋଟିଏ ପରିବାରର ୨ଭାଇଙ୍କୁ ସମାନ ଜାଗାରେ ଆବାସ

**ଆବାସ ବଣ୍ଟନରେ ଦୁର୍ନୀତି ଅଭିଯୋଗ**

ସୁନାବେଡ଼ା,ସେମିଳିଗୁଡ଼ା,୮।୨(ସ୍ୱ.ପ୍ର.)

ସୁନାବେଡ଼ା ପୌର ପରିଷଦ ଅଞ୍ଚଳରେ ଆବାସ ବଣ୍ଟନରେ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ଏହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ମିଳିଥିବା ଖବର ଅନୁସାରେ, ୨୦୧୭-୧୮ ରୁ ୨୦୨୦-୨୧ ଆର୍ଥିକ ବର୍ଷ ମଧ୍ୟରେ ୬ଟି ପର୍ଯ୍ୟାୟରେ ୧୦୭୭ ଜଣ ହିତାଧିକାରୀଙ୍କୁ ଆବାସ ଘର ନିର୍ମାଣ ଲାଗି କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ କିଛି ଲୋକ ଘରକାମ ସମ୍ପୂର୍ଣ୍ଣ କରିଥିବା ବେଳେ ଆଉ କେତେଜଣଙ୍କର ଘର ଅଧାରେ ଅଟକିଛି। ଏହାର କାରଣ ନିୟମ ଅନୁଯାୟୀ ଘର ତିଆରିର ଫଟୋ ଉଠାଇବାକୁ ନେଇ ଲୋକେ ହଇରାଣ ହେଉଛନ୍ତି। ଏଥିପାଇଁ କାର୍ଯ୍ୟାଳୟକୁ ବହୁବାର ଦୌଡୁଥିଲେ ମଧ୍ୟ ସମ୍ପୃକ୍ତ ଅଧିକାରୀଙ୍କ ଭେଟ ମିଳୁନାହିଁ। ଯେତେବେଳେ ଭେଟ ମିଳୁଛି ସେ ବିଭିନ୍ନ ଆଳ ଦେଖାଇ ହିତାଧିକାରୀଙ୍କୁ ହଇରାଣ କରୁଛନ୍ତି। ୬ପର୍ଯ୍ୟାୟ ମଧ୍ୟରୁ ଚତୁର୍ଥ ପର୍ଯ୍ୟାୟରେ ପ୍ରଦାନ କରାଯାଇଥିବା ୨୯୬ କାର୍ଯ୍ୟାଦେଶରେ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି । ଉକ୍ତ ପର୍ଯ୍ୟାୟର କ୍ରମିକ ନଂ. ୧୭୩ ଏବଂ ୨୧୦ରେ ଗୋଟିଏ ପରିବାରର ୨ ଭାଇଙ୍କୁ ଆବାସ ମିଳିଛି। ତାହା ପୁଣି ନିର୍ଦ୍ଧାରିତ ଗୋଟିଏ ଜାଗା ଉପରେ ଏହି ୨ ଜଣଙ୍କୁ କାର୍ଯ୍ୟାଦେଶ ମିଳିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଆବାସ ବଣ୍ଟନରେ ସ୍ଥାନୀୟ ଅଞ୍ଚଳର ବିଜେଡିର ଜଣେ ନେତା ହିତାଧିକାରୀ ଥିବା ନଜରକୁ ଆସିଛି। ସେ ହେଉଛନ୍ତି ରାମ ବେନିଆ। ତାଙ୍କୁ ଆବାସ ଗୃହ ନିର୍ମାଣ ଲାଗି କାର୍ଯ୍ୟାଦେଶ ମିଳିଥିଲା। ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇଥିଲା । ତେବେ ଯେଉଁ ସ୍ଥାନରେ ଘର କରିବା କଥା ସେହି ଜାଗାରେ ଘର ନ କରି ବେନିଆ ଅନ୍ୟ ଏକ ଜାଗାରେ ଘର ତିଆରି କରୁଥିବା ନଜରକୁ ଆସିଛି। ସେ ନିଜ ନାମରେ ଆବାସ ପାଇବା ଏବଂ ସରକାରୀ ନିୟମକୁ ଉଲ୍ଲଂଘନ କରି ଘର ତିଆରି କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିକରିଛି। ଅନ୍ୟପକ୍ଷରେ ଯେଉଁ ଜାଗାକୁ ଦର୍ଶାଇ ରାମ ଆବାସ ଟଙ୍କା ହାତେଇଛନ୍ତି, ପ୍ରକୃତରେ ତାହା ୨ ଭାଇଙ୍କ ନାଁରେ ରହିଛି। ଏପରି ସ୍ଥଳେ କିପରି ଆବାସ ଘର ଯୋଜନାର ଟଙ୍କା ରାମଙ୍କ ଜମାଖାତାକୁ ଆସିଲା ସେନେଇ ସାଧାରଣରେ ଆଲୋଚନା ହେଉଛି। ୨୦୧୯ରେ ରାମଙ୍କୁ କାର୍ଯ୍ୟାଦେଶ ସହିତ ଟଙ୍କା ମିଳିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେ ଘର ସମ୍ପୂର୍ଣ୍ଣ କରିପାରିନାହାନ୍ତି। ଏହି ଘଟଣା ପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ନ ପଡ଼ିବା ସେମାନଙ୍କ ମଧ୍ୟରେ ସଲାସୁତୁରା ହୋଇଥିବା ସ୍ପଷ୍ଟ ହୋଇଛି। ଏହାର ପ୍ରକୃତ ତଦନ୍ତ ହେଲେ ଆବାସ ଯୋଜନାରେ ଆହୁରି ଅନେକ ଦୁର୍ନୀତି ଲୋକଲୋଚନକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଏହାର ତଦନ୍ତ ହେବ। ଯେଉଁ ହିତାଧିକାରୀମାନେ ଗୃହ ନିର୍ମାଣ କରିସାରି ଫଟୋ ଉଠାଇଦେବାକୁ ସମସ୍ୟାର ସମ୍ମୁଖୀନ ହେଉଥିଲେ ସେମାନଙ୍କ ସମସ୍ୟା ଦୂର ହୋଇଛି। ଏଣିକି ସେମାନେ ଧାର୍ଯ୍ୟ ନିୟମ ଅନୁସାରେ ଫଟୋ ଉଠାଇ ଦେଇପାରିବେ। ଯେଉଁମାନେ ସେମାନଙ୍କ ବକେୟା ପ୍ରାପ୍ୟ ପାଇନାହାନ୍ତି ସେମାନେ ଖୁବ୍‌ଶୀଘ୍ର ପାଇବେ ବୋଲି ଡ. ପାତ୍ର କହିଛନ୍ତି। ଏ ସମ୍ପର୍କରେ ପଚାରିବାକୁ ରାମଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।



ରାମଙ୍କ ଅର୍ଦ୍ଧନିର୍ମିତ ଗୃହ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୯ ଫେବୃୟାରୀ, ୨୦୨୩



## ସଂକ୍ଷେପରେ

### ନୂତନ ବିଡିଓ, ତହସିଲଦାରଙ୍କୁ ସ୍ୱାଗତ



ମୁନିଗୁଡ଼ା,୮।୨(ଡି.ଏନ୍.ଏ.): ମୁନିଗୁଡ଼ାରେ ନୂତନ ଭାବେ ଯୋଗଦେଇଥିବା ବିଡିଓ ଏବଂ ତହସିଲଦାରଙ୍କୁ ଭାଜପା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସୂଚନାଯୋଗ୍ୟ, ମୁନିଗୁଡ଼ା ବିଡିଓ ଏବଂ ତହସିଲଦାରଙ୍କ ଗତମାସରେ ବଦଳି ହୋଇଥିଲା। ଏବେ ବଲାଙ୍ଗୀର ଜିଲାରୁ ଆସିଥିବା ପ୍ରୀତମ କୁମାର ତନ୍ତି ବିଡିଓ ଭାବେ ଏବଂ ନବରଙ୍ଗପୁର ଜିଲାରୁ ବଦଳି ହୋଇ ଆସିଥିବା ଅନାମିକା ପାଣ୍ଡେ ତହସିଲଦାର ଭାବେ ଯୋଗଦେଇଛନ୍ତି। ଭାଜପା ଯୁବନେତା ନରେନ୍ଦ୍ର ନାଗଙ୍କ ନେତୃତ୍ୱରେ ଯୁବନେତା ତଥା ଆଗୁଲ, ପଞ୍ଚାୟତ ସମିତି ସଭ୍ୟ ସୁବାସ ପ୍ରାଷ୍କା, ସିଲୁ ବାଗ, ଗରିବ ଗରଡ଼ିଆ, ରାକେଶ ସିକା, ଭି. ଭାନୁରାଓ, ଜି. କ୍ରାନ୍ତି କୁମାର, ଶଙ୍କର ବେହେରା ପ୍ରମୁଖ ବ୍ଲକ ଏବଂ ତହସିଲ କାର୍ଯ୍ୟାଳୟକୁ ଯାଇ ଉଭୟ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ଭାଜପା ନେତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାରେ ଗରିବମାନଙ୍କ ହିତକୁ ଦୃଷ୍ଟି ଦେବାକୁ ନିବେଦନ କରିଥିଲେ। ଆଗାମୀ ଦିନରେ ସମସ୍ତଙ୍କ ସହଯୋଗ ଓ ସରକାରୀ ନୀତିନିୟମରେ ବିକାଶ ଧାରା ବଜାୟ ରହିବ ବୋଲି ଦୁଇ ଅଧିକାରୀ କହିଥିବା ଜଣାପଡ଼ିଛି।

### ବିଜୟ ହତ୍ୟା ମାମଲା
### ୪ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି ପୋଲିସ

କୋରାପୁଟ,୮।୨ (ସ୍ୱ.ପ୍ର.): କୋରାପୁଟ ସହରର ଶିଶୁ ବିଦ୍ୟାମନ୍ଦିର ନିକଟରେ ରହୁଥିବା ବିଜୟ ପଣ୍ଡାଙ୍କ ହତ୍ୟା ଘଟଣାରେ ଟାଉନ ଥାନା ପୋଲିସ ପକ୍ଷରୁ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ତଦନ୍ତ କରୁଛି। ସହରର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ପୋଲିସ ୪ଜଣଙ୍କୁ ଧରିଅଣି ଅଟକ ରଖି ପଚାରଉଚରା ଚଳାଇଛି। ଗତ ୬ ତାରିଖ ବିଳମ୍ବିତ ରାତିରେ ବିଜୟ କେତେ ଜଣ ସାଙ୍ଗଙ୍କ ସହ ଭୋଜନ କରି ଘରକୁ ଫେରି ଥିଲେ। ସେ ଶୋଇପଡ଼ିଥିବା ବେଳେ କୌଣସି ଦୁର୍ବୃତ୍ତ ତାଙ୍କ ବେକକୁ ଧାରୁଆ ଅସ୍ତ୍ରରେ କାଟି ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ନେଇ ଅଭିଯୋଗ ପରେ ଟାଉନ ଥାନାରେ ୩୬/୨୩ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ବିଜୟଙ୍କ ଘର ଚତୁଃପାର୍ଶ୍ୱ ଅନୁଧାନ କରିବା ସହ ସେ ଯେଉଁମାନଙ୍କ ସହ ରାତ୍ର ଭୋଜନ କରିଥିଲେ, ବିଳମ୍ବିତ ରାତିରେ କେଉଁମାନେ ତାଙ୍କ ସହ ଯିବା ଆସିବା କରିଛନ୍ତି ସିସିଟିଭି ଫୁଟେଜକୁ ଧରି ତଦନ୍ତ କରାଯାଉଛି।

### ଧାନ ଅମଳ ମେଶିନ ଜଳିଗଲା

ଭଞ୍ଜନଗର,୮।୨(ଡି.ଏନ.ଏ): ଭଞ୍ଜନଗର ତହସିଲ ମାଙ୍କଡ଼କୁମ୍ଭା ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟି ପ୍ରକାଶ ଗଉଡଙ୍କ ଟ୍ରାକ୍ଟର ଟ୍ରଲି ଏବଂ ଧାନ ଅମଳ ମେଶିନ ଜଳିଯାଇଛି। ଏଥିସହ ପ୍ରସନ୍ନ ଗଉଡଙ୍କ ଦୁଇଟି ପାଳ ଗଦା ପୋଡ଼ିଯାଇଛି। ଖବର ପାଇ ଭଞ୍ଜନଗର ଅଗ୍ନିଶମ ଏବଂ ଜରୁରୀ କାଳୀନ ସେବା ଅଧିକାରୀ ସମୀର କୁମାର ବିଶ୍ୱାଳଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ।

# ୨୬ ବର୍ଷ ହେଲା ଆଦିବାସୀ ମାନ୍ୟତାରୁ ବଞ୍ଚିତ ଝୋଡ଼ିଆ ସମ୍ପ୍ରଦାୟ

- ପ୍ରଶାସନର ତ୍ରୁଟି, ସମସ୍ୟା ଭୋଗୁଛନ୍ତି ସମ୍ପ୍ରଦାୟର ଲୋକେ
- କେନ୍ଦ୍ର ସରକାର ନିକଟରେ ଅଟକିଛି ନିଷ୍ପତ୍ତି
- ପୁଣି କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବି ଜଣାଇଲେ

ରାୟଗଡ଼ା,୮।୨(ସ୍ୱ.ପ୍ର.)



କେନ୍ଦ୍ରମନ୍ତ୍ରୀ ଦାବିପତ୍ର ଗ୍ରହଣ କରୁଛନ୍ତି।

ରାୟଗଡ଼ା, କୋରାପୁଟ ଓ କଳାହାଣ୍ଡି ଜିଲାରେ ବସବାସ କରୁଥିବା ଝୋଡ଼ିଆ ସମ୍ପ୍ରଦାୟର ଲୋକେ ଦୀର୍ଘ ବର୍ଷ ହେଲା ଅଦିବାସୀ ମାନ୍ୟତା ଦାବିକରି ଆସୁଛନ୍ତି। ହେଲେ ସେମାନଙ୍କ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ନିଆଯାଇପାରୁନି। ଫଳରେ ଏହା ବିଭିନ୍ନ ସମୟରେ ଏକ ବଡ଼ ପ୍ରସଙ୍ଗ ଭାବେ ଉଭା ହେଉଛି। ସାଧାରଣ ନିର୍ବାଚନ ପୂର୍ବରୁ ଏହି ପ୍ରସଙ୍ଗ ପୁନର୍ବାର ଉଠିଛି। ବୁଧବାର ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଝୋଡ଼ିଆ ସମାଜର ସଭାନେତ୍ରୀ ସୁମନୀ ଝୋଡ଼ିଆ, ଘାସିଆଣି ଝୋଡ଼ିଆ, ଗୁରୁନାଥ ଝୋଡ଼ିଆ ପ୍ରମୁଖ ଦିଲ୍ଲୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଏବଂ ଜନଜାତି କମିଶନରଙ୍କୁ ସାକ୍ଷାତ କରି ତୁରନ୍ତ ଝେଡ଼ିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ପ୍ରଦାନ ନିମନ୍ତେ ଦାବି କରିଛନ୍ତି।

ପୂର୍ବରୁ ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଏକ ଚିଠିରେ ଏହି ପ୍ରସଙ୍ଗରେ ଜଣାଇଥିଲେ ଯେ, ଝୋଡ଼ିଆଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନ ନେଇ ୨୦୦୯ରେ ତତ୍କାଳୀନ ଉପା ସରକାରଙ୍କ ଅମଳରେ ରାଜ୍ୟ ସରକାର ଦୁଇଥର ପ୍ରସ୍ତାବ ଦେଇଥିଲେ। ସେ ସମୟରେ ଭାରତୀୟ ରେଜିଷ୍ଟ୍ରାର ଜେନେରାଲ ଏବଂ ଆଦିବାସୀ ମନ୍ତ୍ରଣାଳୟ ଏହାକୁ ଗ୍ରହଣ କରି ନ ଥିଲେ। ଯଦ୍ୱାରା ଝୋଡ଼ିଆ ସମ୍ପ୍ରଦାୟ ଆଦିବାସୀ ମାନ୍ୟତା ପାଇବାରେ ସମସ୍ୟା ସୃଷ୍ଟି ହେଉଛି। ଏବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପୁନର୍ବାର ଏହି ପ୍ରସ୍ତାବକୁ ରେଜିଷ୍ଟ୍ରାର ଜେନେରାଲଙ୍କ ନିକଟକୁ ପ୍ରସ୍ତାବ ଗୃହୀତ କରିବା ପାଇଁ ପଠାଇ ଅନୁରୋଧ କରିବ ବୋଲି ମୁଣ୍ଡା ଜଣାଇଥିଲେ। ଏଥିସହ ଏବେ ସରକାର ପୁନର୍ବାର ଉଦ୍ୟମ କରିବେ ବୋଲି ମଧ ସୂଚନା ଦେଇଥିଲେ। ଏଥିସହ ଏବେ ଏହି ମାମଲାର ସ୍ଥିତି କ'ଣ ରହିଛି ବୋଲି ପ୍ରଶ୍ନ କରିଛନ୍ତି। ଝୋଡ଼ିଆଙ୍କୁ ଆଦିବାସୀ ମାନ୍ୟତା ପ୍ରସଙ୍ଗ ଏବେ କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ନିକଟରେ ବିଚାରାଧୀନ ଥିବାରୁ ସମାଧାନ ପାଇଁ ବିଧାୟକ ମୁଦୁଲି ଦାବି ଦୋହରାଇଛନ୍ତି । ଅନ୍ୟପକ୍ଷରେ ଝୋଡ଼ିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ପ୍ରଦାନ ପାଇଁ ୨୦୧୯ରେ ରାଜ୍ୟ ସରକାର ସବୁଜ ସଙ୍କେତ ଦେଇ କେନ୍ଦ୍ର ସରକାରଙ୍କ ନିକଟକୁ ଦୁଇଥର ପ୍ରେରଣ କରିଛନ୍ତି। କିଛି ମାସ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ। ତଥାପି ଆଦିବାସୀ ମାନ୍ୟତା ମିଳୁ ନ ଥିବାରୁ ଝୋଡ଼ିଆ ମାନେ ସମସ୍ୟା ଭୋଗୁଛନ୍ତି ବୋଲି କୁହାଯାଇଛି। ୨୦୧୯ ଜାନୁୟାରୀ ୫ରେ ଝୋଡ଼ିଆ ସମାଜର ନେତ୍ରୀ ତଥା ସାମାଜିକକର୍ମୀ ସୁମନି ଝୋଡ଼ିଆଙ୍କ ନେତୃତ୍ୱରେ ଏକ ଟିମ୍ ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲଙ୍କୁ ରାଜଭବନରେ ସାକ୍ଷାତ କରିଥିଲେ। ସେମାନେ ନିଜର ଅସୁବିଧା ଓ ଦାବି ରାଜ୍ୟପାଳଙ୍କୁ ଜଣାଇଥିଲେ। ରାଜ୍ୟପାଳ ଏହାକୁ ଗ୍ରହଣ କରି ଦୁଃଖ ପ୍ରକାଶ କରିବା ସହ ରାଷ୍ଟ୍ରପତିଙ୍କ ନଜରକୁ ଅଣାଯିବ ବୋଲି କହିଥିବା ଝୋଡ଼ିଆ ସମାଜ ପକ୍ଷରୁ ସୂଚନା ଦିଆଯାଇଥିଲା। ତଥାପି ଏ ପର୍ଯ୍ୟନ୍ତ ଝୋଡ଼ିଆ ସମ୍ପ୍ରଦାୟ ଆଦିବସୀ ମାନ୍ୟତା ପାଇବାରୁ ବଞ୍ଚିତ ରହିଛନ୍ତି। ପ୍ରକାଶଯୋଗ୍ୟ, ଝୋଡ଼ିଆ ସମ୍ପ୍ରଦାୟର ଲୋକେ ଦୀର୍ଘ ୨୬ ବର୍ଷ ହେଲା ଆଦିବାସୀ ମାନ୍ୟତା ଦାବି କରି ଆସୁଛନ୍ତି। ଏଥିପାଇଁ ସେମାନଙ୍କ ଏକ ପ୍ରତିନିଧି ଦଳ ବାରମ୍ବାର ଦିଲ୍ଲୀ ଠାରେ ବିଭିନ୍ନ ସମୟରେ କେନ୍ଦ୍ର ମନ୍ତ୍ରୀମାନଙ୍କୁ ଭେଟି ଦାବି ଜଣାଇଛନ୍ତି। ଝୋଡ଼ିଆ ସମ୍ପ୍ରଦାୟର ଏକ ଟିମ୍ ତତ୍କାଳୀନ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ମଧ ଭେଟି ଦାବି ଉପସ୍ଥାପନ କରିଥିଲେ। ଝୋଡ଼ିଆ ସମ୍ପ୍ରଦାୟ ପ୍ରକୃତରେ ଆଦିବାସୀ। ୧୯୯୭ ପର୍ଯ୍ୟନ୍ତ ଏମାନଙ୍କୁ ଆଦିବାସୀ ମାନ୍ୟତା ଦିଆଯାଉଥିଲା। କିନ୍ତୁ କାଶୀପୁରର ପୂର୍ବତନ ତହସିଲଦାରଙ୍କ ଜିଦ୍ ଓ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ସେମାନେ ମାନ୍ୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ଗୋଟିଏ ପରେ ଗୋଟିଏ ସରକାର ଆସୁଥିଲେ ମଧ୍ୟ ଝୋଡ଼ିଆଙ୍କ ସମସ୍ୟାର ସମାଧାନ ହୋଇପାରିନାହିଁ। ରାୟଗଡ଼ା ଜିଲାର କାଶୀପୁର ଓ କଲ୍ୟାଣସିଂହପୁର, କୋରାପୁଟ ଜିଲାର ଦଶମନ୍ତପୁର ଓ ଲକ୍ଷ୍ମୀପୁର ଏବଂ କଳାହାଣ୍ଡି ଜିଲାର ଥୁଆମୂଳରାମପୁର ବ୍ଲକରେ ୮୦ ହଜାରରୁ ଊର୍ଦ୍ଧ୍ୱ ଝୋଡ଼ିଆ ସମ୍ପ୍ରଦାୟର ଲୋକ ବାସ କରୁଛନ୍ତି । ଆଦିବାସୀ ମାନ୍ୟତା ଦାବି କରି ୨୦୧୨ ରେ ଏଥିପାଇଁ ଝୋଡ଼ିଆମାନେ ପଞ୍ଚାୟତ ନିର୍ବାଚନ ମଧ ବର୍ଜନ କରିଥିଲେ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ସମ୍ପ୍ରଦାୟର କତେକ ଲୋକ ଆଦିବାସୀ ମାନ୍ୟତା ପାଇଥିବାବେଳେ ସିଂହଭାଗ ବଞ୍ଚିତ ରହିଛନ୍ତି। ସେମାନେ ସାଧାରଣବର୍ଗ ଭାବେ ପରିଗଣିତ ହେଉଛନ୍ତି। ରାଜ୍ୟ ସରକାର ନିଜର ସହମତି ପ୍ରଦାନ କରିଥିବାରୁ କେନ୍ଦ୍ର ସରକାର କିଛି ସ୍ପଷ୍ଟ ନିଷ୍ପତ୍ତି ନେବା ଜରୁରୀ ବୋଲି ବିଧାୟକ ମୁଦୁଲି କହିଛନ୍ତି।

# ଡାଙ୍ଗସୋରଡ଼ା ହାଇସ୍କୁଲର ୩୧ ତମ ବାର୍ଷିକ ଉତ୍ସବ



ଚନ୍ଦ୍ରପୁର,୮।୨(ଡି.ଏନ୍.ଏ.)

ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ସଦର ସ୍ଥିତ ଏସ୍ଏସ୍‌ଡି ହାଇସ୍କୁଲର ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ରୂପେ ଚନ୍ଦ୍ରପୁର ତହସିଲଦାର ଅଶୋକ କୁମାର ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷ କଇନ କିମ୍ବାକା, ଜିଲା ପରିଷଦ ସଭ୍ୟ ସୁଜିତ ବ୍ରେଡେକା, ଜିଲା ଶିକ୍ଷାଧିଶ ଶ୍ୟାମଘନ ଭୂୟାଁ, ପ୍ରଧାନ ଶିକ୍ଷକ ସୁରଥ କୌଶଲ୍ୟା, ସରପଞ୍ଚ ଅନିତା ଶବର, ସାମାଜିକ କର୍ମୀ ଗଗନ ଆଚାର୍ଯ୍ୟ, ସ୍କୁଲ କମିଟି ସଭାପତି ଧାନୁମାଝି କୁମୁରୁକା, ସାମାଜିକ କର୍ମୀ ବିଜୟ ପ୍ରସାଦ ଉଲାକାଙ୍କ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଶାନ୍ତ ରତ୍ନାଲୁ ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ଜଗନ୍ନାଥ ଉତ୍ତରକବାଟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଚନ୍ଦ୍ରପୁର ତହସିଲଦାର ଉପସ୍ଥିତ ରହି ପିଲାଙ୍କୁ ଉତ୍ତମ ଶିକ୍ଷା ଦେଇ ଗଢ଼ିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଚନ୍ଦ୍ରପୁର ସଦର ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ରଘୁନାଥ ଗମାଙ୍ଗ, ସମ୍ମାନିତ ଅତିଥି ରୂପେ ସରପଞ୍ଚ ଭୀମ ଗଗେରଙ୍ଗ, ଗୁଣପୁର ଏଡିଡବ୍ଲ୍ୟୁଓ ସଲମନ ରାଇକା, ଡବ୍ଲ୍ୟୁଇଓ ତଲୱାର ଜେନା, ସ୍କୁଲ ସଭାପତି ସିମନ ବ୍ରେକବେଡ଼ା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ସହ ବାର୍ଷିକ ଉତ୍ସବର ମହତ୍ତ୍ୱ ବିଷୟରେ ନିଜ ନିଜ ମତ ରଖିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସି.ଏଚ୍. ଗୀତାଞ୍ଜଳି ମଞ୍ଚ ପରିଚାଳନା କରିଥିଲେ।

# ଡଙ୍ଗରିଆଙ୍କ ପାଇଁ ସୌରଚାଳିତ ଶୀତଳଭଣ୍ଡାର

**ଚାଷୀ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପାଇବେ**

ବିଷମକଟକ,୮।୨(ଡି.ଏନ୍.ଏ.)

ବିଷମକଟକ ବ୍ଲକ ଚାଟିକଣା ସ୍ଥିତ ଦକ୍ଷତା ତାଲିମ କେନ୍ଦ୍ରରେ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା(ଡିକେଡିଏ) ଓ ଉଦ୍ୟାନ ବିଭାଗର ମିଳିତ ଉଦ୍ୟମରେ ୧୫ ଲକ୍ଷ ଟଙ୍କା ଖର୍ଚ୍ଚରେ ଏକ ଶୀତଳ ଭଣ୍ଡାର ସ୍ଥାପନ କରାଯାଇଛି। ବୁଧବାର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଏହାର ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଜିଲାପାଳ ସ୍ୱଧା ଦେବ ସିଂ, ବିଏସକେୱାଇ ଉପଦେଷ୍ଟା ସୁଧୀର ଦାସ, ଅନୁସୂଚିତ ଜାତି ଜନଜାତି ବିଭାଗର ପଛୁଆବର୍ଗ ବିକାଶ ବିଭାଗ ଉପଦେଷ୍ଟା ପୃଥ୍ୱୀରାଜ ସାହୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୂୟା ମାଝି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ବିଷମକଟକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, କୁର୍ଲି ସରପଞ୍ଚ ସୁବର୍ଦ୍ଧନୀ ୱାଡକା, ଚାଟିକୋଣା ସରପଞ୍ଚ ପି. କିରଣଲତା ପ୍ରମୁଖ ଉପସ୍ଥିତ ଥିଲେ। ଏହା ବ୍ଲକରେ ପ୍ରଥମ ଥର ପାଇଁ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏହି ଶୀତଳ ଭାଣ୍ଡର ବିନା ଖର୍ଚ୍ଚରେ ଚାଲିବ। ଏହ ସମ୍ପୂର୍ଣ୍ଣ ସୌରଚଳିତ। ନୂତନ ଜ୍ଞାନକୌଶଳରେ ଏହାକୁ ନିର୍ମାଣ କରାଯାଇଛି। ନିୟମଗିରି ପାହାଡ଼ ଅଞ୍ଚଳରେ ଉତ୍ପାଦିତ ପାଳୁଅ, କମଳା, ହଳଦୀ, ଆମ୍ବ,ସପୁରୀ, ଫୁଲକୋବି, କ୍ୟାପ୍‌ସିକମ, ଗାଜର ଏବଂ ଅନ୍ୟ ପରିବାକୁ ଡଙ୍ଗରିଆ ଚାଷୀ ଏଠାରେ ସୁରକ୍ଷିତ ଭାବେ ରଖି ବିକ୍ରି କରିପାରିବେ। ଶୀତଳଭଣ୍ଡାରର ସୁବିଧା ପୂର୍ବରୁ ନ ଥିବାରୁ ପରିବା ନଷ୍ଟ ହେଉଥିଲା। ଆନ୍ଧ୍ର ପ୍ରଦେଶ ଏବଂ ଛତିଶଗଡ଼ର ଦଲାଲମାନେ ଆସି ଚାଷୀଙ୍କ ଠାରୁ କମ୍ ଦରରେ ପରିବା ଓ ଅନ୍ୟ ଉତ୍ପାଦିତ ସାମଗ୍ରୀ କିଣି ନେଉଥିଲେ। ଏବେ ଏହି ଶୀତଳଭଣ୍ଡାର ଡଙ୍ଗରିଆ ଚାଷୀମାନଙ୍କ ଆର୍ଥିକ ବିକାଶରେ ସହାୟକ ହୋଇପାରିବ ବୋଲି ମତପ୍ରକାଶ ପାଇଛି। ଡଙ୍ଗରିଆ ଚାଷୀଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଡିକେଡିଏର ପ୍ରୟାସରେ ଏହି ସୌରଚାଳିତ ଶୀତଳ ଭଣ୍ଡାର ସ୍ଥାପନ କରଯାଇଛି। ୧୦ ରୁ ୧୨ ଟନ୍ ସାମଗ୍ରୀ ଏଥିରେ ରହିପାରିବ। ଚାଷୀ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପାଇବାରେ ସଫଳ ହେବେ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି।

# ବିଏସ୍ଏଫ୍ ପକ୍ଷରୁ ଜନସମ୍ପର୍କ ଶିବିର

ବୈପାରିଗୁଡା,୮।୨ (ଡି.ଏନ୍.ଏ.)

ବୈପାରିଗୁଡା ଥାନା ଅନ୍ତର୍ଗତ ମନ୍ତ୍ରିଆମ୍ବ ସ୍ଥିତ ୧୫୧ ବିଏସ୍ଏଫ୍ ବାଟାଲିୟନ ପକ୍ଷରୁ ବୁଧବାର ଶୁକ୍ରିଗୁଡାଠାରେ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଶୁକ୍ରିଗୁଡା ସମେତ ନିକଟବର୍ତ୍ତୀ ଶରନ୍ଧାଜୋଡି, ଅଣ୍ଡରି, ପଣ୍ଡିତବେଡା ଏବଂ ମନ୍ତ୍ରିଆମ୍ବ ଗ୍ରାମର ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ବିଏସ୍ଏଫ୍ କମାଣ୍ଡାଣ୍ଟ ଅଜୟ କୁମାର ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଲୋକଙ୍କୁ ଆବଶ୍ୟକୀୟ ଘରୋଇ ସାମଗ୍ରୀ ,ପାଠ୍ୟ ଉପକରଣ ଓ କ୍ରୀଡା ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ଡାକ୍ତରଙ୍କ ଦ୍ୱାରା ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା।

# ରାଜ୍ୟସ୍ତରୀୟ କ୍ରୀଡ଼ାରେ ଗୁଡ଼ାରୀର ମନସ୍ୱିନୀ ତୃତୀୟ




ଅନ୍ୟ କୃତୀ ପ୍ରତିଯୋଗୀଙ୍କ ସହ ମନସ୍ୱିନୀ।

ଗୁଡ଼ାରୀ,୮।୨(ଡି.ଏନ୍.ଏ.)

ରାଜ୍ୟସ୍ତରୀୟ ଦୌଡ଼ କ୍ରୀଡ଼ା ପ୍ରତିଯୋଗିତାରେ ଗୁଡ଼ାରୀ ସରକାରୀ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ମନସ୍ୱିନୀ ମାଲବିଶୋଇ ଟ୍ରିପଲ ଜମ୍ପ କ୍ରୀଡ଼ାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପାରାଦୀପରେଏହି ପ୍ରତିଯୋଗିତା ମଙ୍ଗଳବାର ଆୟୋଜିତ ହୋଇଥିଲା। ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲକରି ସେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ନିଜ ଦକ୍ଷତା ପ୍ରତିପାଦନ କରିବା ପରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ। ପ୍ରତିଯୋଗିତାରେ ଜଗତ୍‌ସିଂହପୁର ଜିଲା ପ୍ରଥମ, ଦ୍ୱିତୀୟ ସ୍ଥାନରେ ପୁରୀ ଓ ତୃତୀୟ ସ୍ଥାନରେ ରାୟଗଡ଼ା ଜିଲାରୁ ଜଣେ ମାତ୍ର ଖେଳାଳି ଭାବେ ମନସ୍ୱିନୀ ସଫଳତା ପାଇ ଗୁଡ଼ାରୀ ବ୍ଲକ ତଥା ରାୟଗଡ଼ା ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ବିଦ୍ୟାଳୟ ଇତିହାସରେ ପ୍ରଥମ ଥର ପାଇଁ ଜଣେ ବାଳିକା ରାଜ୍ୟସ୍ତରୀୟ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଛନ୍ତି। ଏହି ଖବର ପ୍ରଚାର ହେବାପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶାନ୍ତି ପେଦେନ୍ତି, କ୍ରୀଡ଼ା ଶିକ୍ଷକ ରାଧାକାନ୍ତ ଗୁରୁ ଓ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ମନସ୍ୱିନୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଅନ୍ୟ ପିଲାଙ୍କୁ ଉତ୍ସାହିତ କରିଥିଲେ।

# ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନକଲେ କଳାକାର

ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.),୮।୨




ଶୋଭାଯାତ୍ରାରେ ବାହାରିଥିବା କଳାକାରମାନେ।

ରାଜ୍ୟର ପ୍ରାଚୀନ କଳା ଓ ସଂସ୍କୃତି ପୁନରୁଦ୍ଧାର ପରିଷଦ ପକ୍ଷରୁ ୧୫ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶତାଧିକ କଳାକାର ଏକତ୍ରିତ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ପୂର୍ତ୍ତ କାର୍ଯ୍ୟାଳୟ ଛକରୁ କଳାକାରମାନେ ଶୋଭାଯାତ୍ରାରେ ବାହାରି ପାରମ୍ପରିକ ମୃଦଙ୍ଗ, ବାଜା, ତୁରୀ ବଜାଇ ନଗର ପରିକ୍ରମା କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଳାକାରଙ୍କୁ ବାର୍ଷିକ ୨୦୦ କୋଟିର ପ୍ୟାକେଜ ସହ ୧୦୦ ଦିନର କାମ, ମୁଖ୍ୟମନ୍ତ୍ରୀ ସହାୟତା ଯୋଜନାରେ ଭତ୍ତା ପ୍ରଦାନ, ପ୍ରତି ଜିଲାରେ ସଂସ୍କୃତି ଭବନ ନିର୍ମାଣ, କଳାକାରଙ୍କ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ପ୍ରୋତ୍ସାହନ, ଗରିବ କଳାକାରଙ୍କୁ ଆବାସ ଯୋଜନାରେ ସାମିଲ ଆଦି ଦାବି ଉପସ୍ଥାପନ କରାଯାଇଛି। ଲୋକକଳାକୁ ବଞ୍ଚାଇ ରଖିବା ପାଇଁ ଏହି ସମସ୍ତ ଦାବିର ଯଥାର୍ଥତା ରହିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ସଂଘର ସଭାପତି ସନ୍ତୋଷ ତାଣ୍ଡିଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭ କାର୍ଯ୍ୟକ୍ରମରେ ଆବାହକ ସନ୍ତୋଷ ବଛା, ଉପସଭାପତି ଶ୍ୟାମସୁନ୍ଦର ସାହୁ, ମାଝି କୁମାର, ତନ୍‌ଭି ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଟିକିରିରେ ହୋଇପାରୁନି ସ୍ଥାୟୀ ବସ୍‌ଷ୍ଟାଣ୍ଡ

- ଯାତ୍ରୀ ବିଶ୍ରାମାଗାର, ଶୌଚାଳୟ ନାହିଁ
- ସମସ୍ୟାରେ ଯାତ୍ରୀ, ବସ୍ ଚାଳକ

ଟିକିରି,୮।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଅଞ୍ଚଳର ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ। ଏଠାରେ ଏ ପର୍ଯ୍ୟନ୍ତ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇପାରିନାହିଁ। ସେହିପରି ଯାତ୍ରୀ ବିଶ୍ରାମାଗାର ଏବଂ ଗୋଷ୍ଠୀ ଶୌଚାଳୟ ମଧ ନିର୍ମାଣ ହୋଇପାରୁନାହିଁ। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଦୂରରୁ ଆସୁଥିବା ଗାଡ଼ି ଚାଳକମାନେ ମଧ ଅସୁବିଧା ଭୋଗୁଛନ୍ତି। ସେହିଭଳି ଯାତ୍ରୀ ବିଶ୍ରାମାଗାର ଟିଏ ନ ଥିବାରୁ ଯାତ୍ରୀମାନେ ଦୋକାନ କିମ୍ବା ଗଛ ତଳେ ବସ୍‌କୁ ଅପେକ୍ଷା କରୁଛନ୍ତି। ଟିକିରି ଅଞ୍ଚଳବାସୀ ଅନେକ ଥର ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି କରିଛନ୍ତି। ହେଲେ ଏ ପର୍ଯ୍ୟନ୍ତ କୌଣସି ସମାଧାନର ବାଟ ବାହାରିପାରିନାହିଁ। ଶୀଘ୍ର ସମସ୍ୟାର ସମାଧାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# 'ଡିପିଆର୍‌କୁ ମଞ୍ଜୁରୀ ନ ମିଳିଲେ ଲାଭନାହିଁ'

**ଗୁଣପୁର-ଥେରୁବାଲି ରେଳ ପ୍ରକଳ୍ପ ବଜେଟରେ ମିଳିଛି ୫୦ କୋଟି**

ଗୁଣପୁର,୮।୨(ଡି.ଏନ୍.ଏ.)

ଗୁଣପୁର-ଥେରୁବାଲି ରେଳଲାଇନ ପାଇଁ ଚଳିତ କେନ୍ଦ୍ରୀୟ ବଜେଟରେ ୫୦ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ୧୯୪୬ ଠାରୁ ପ୍ରସ୍ତାବିତ ଏହି ନୂତନ ରେଳଲାଇନ୍ ରାୟଗଡ଼ା ଜିଲା ତଥା ଓଡ଼ିଶାର ଏକ ପୁରାତନ ଦାବି। ଉକ୍ତ ବଜେଟ ବ୍ୟବସ୍ଥା ଏହି ଦିଗରେ ନୂତନ ଆଶାର ସଞ୍ଚାର କରିଛି । ଏପରି ସ୍ଥିତିରେ ଆନ୍ଧ୍ର- ଓଡ଼ିଶା ରେଳ ବ୍ୟବହାରିକ ସଂଘର ସଭାପତି ଡ. ସତ୍ୟ ପ୍ରକାଶ ପଣ୍ଡା କହିଛନ୍ତି, ବିନା କେନ୍ଦ୍ରୀୟ କ୍ୟାବିନେଟ ମଞ୍ଜୁରୀରେ ଏବେ ବଜେଟରେ ବ୍ୟବସ୍ଥା କରାଯାଇଥିବା ୫୦ କୋଟି ଟଙ୍କା ଖର୍ଚ୍ଚ ହେବା ସମ୍ଭବ ନୁହେଁ। ତେଣୁ ଗୁଣୁପୁର- ଥେରୁବାଲି ନୂଆ ରେଳଲାଇନ୍‌ର ଡିପିଆରକୁ ମଞ୍ଜୁରୀ ଦେବା ପାଇଁ ଡ. ପଣ୍ଡା ପ୍ରଧାନମନ୍ତ୍ରୀ ଏବଂ ଓଡ଼ିଶାର କେନ୍ଦ୍ରୀୟ ମନ୍ତ୍ରୀମାନଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି । ରେଳବାଇ ବୋର୍ଡ ପକ୍ଷରୁ ଏହି ପ୍ରସ୍ତାବର ଡିପିଆରକୁ ମଞ୍ଜୁରୀ ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ପ୍ରସ୍ତାବ ଦିଆଯାଇଥିଲା। ତାହା ଅନେକ ଦିନ ଧରି ନୀତି ଆୟୋଗ ପାଖରେ ପଡ଼ିରହିଲା। ନିତୀ ଆୟୋଗ ରେଲ୍‌ୱେର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଡକାଇ ଏହି ରେଳପଥ କାହିଁକି କରାଯିବା ଉଚିତ ସେ ବିଷୟରେ ଏକ ଶୁଣାଣି କଲେ। ଉକ୍ତ ନୂତନ ରେଳଲାଇନ୍ ହେଲେ ଏହି ଅଞ୍ଚଳର ବହୁବିଧ ଉନ୍ନତି ହେବା ସହ ରେଳବାଇର ରାଜସ୍ୱ ବୃଦ୍ଧି ପାଇବ। ଏହି ପ୍ରକଳ୍ପ ବିଷୟରେ ସେମାନେ ନିତୀ ଆୟୋଗକୁ ବୁଝାଇଥିଲେ। ଗତ ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ନିତୀ ଆୟୋଗ ବୁଝି ସାରିବା ପରେ ଏହି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ତାହାପରେ ପ୍ରସ୍ତାବ କେନ୍ଦ୍ରୀୟ କ୍ୟାବିନେଟ ପାଖକୁ ମଞ୍ଜୁରୀ ପାଇଁ ଯାଇଥିଲା। କେନ୍ଦ୍ରୀୟ କ୍ୟାବିନେଟରେ ୬ମାସ ହେଲା ଏହା ପଡ଼ିରହିଛି। କ୍ୟାବିନେଟ ନିଷ୍ପତ୍ତି ହେଲେ ଏହି ୫୦ କୋଟି ଟଙ୍କା ଖର୍ଚ୍ଚ ହୋଇପାରିବ ଏବଂ ଅନ୍ୟାନ ଆନୁଷଙ୍ଗିକ କାର୍ଯ୍ୟ ଆରମ୍ଭ ହେବ। ଖୁସିର କଥା ଓଡ଼ିଶା ସରକାର ଏହି ରେଳଲାଇନ୍ ପାଇଁ ନିଜ ଖର୍ଚ୍ଚରେ ଜମି ଅଧିଗ୍ରହଣ କରିବା ପାଇଁ ଦାୟିତ୍ୱ ନେଇଛନ୍ତି । ସେହି ଦୃଷ୍ଟିରୁ ଜମି ଅଧିଗ୍ରହଣ କରିବା ପାଇଁ ୧୬୦୦ କୋଟି ଟଙ୍କାର ପ୍ରସ୍ତାବକୁ ରାଜ୍ୟ ସରକାର ସ୍ୱୀକୃତି ହୋଇଛନ୍ତି। କେନ୍ଦ୍ରୀୟ କ୍ୟାବିନେଟରେ ଏ ପ୍ରସ୍ତାବ ମଞ୍ଜୁରୀ ହେଲେ ରେଳବାଇ ବୋର୍ଡ ଓଡ଼ିଶା ସରକାରଙ୍କୁ ଏହା ଜଣାଇବ। ଏହାପରେ ଜମି ଅଧିଗ୍ରହଣ ଆରମ୍ଭ ହେବ ଓ ରେଳଲାଇନ୍ କାର୍ଯ୍ୟ ଆରମ୍ଭ ହେବ। ଏହି ଦୃଷ୍ଟିରୁ ପ୍ରସ୍ତାବଟିକୁ କେନ୍ଦ୍ରୀୟ କ୍ୟାବିନେଟ ମଞ୍ଜୁରୀ ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଉ ବୋଲି ଡ. ପଣ୍ଡା କେନ୍ଦ୍ର ସରକାର ଏବଂ ଲୋକ ପ୍ରତିନିଧିଙ୍କୁ ଅନୁରୋଧ କରିଛନ୍ତି।

# ବ୍ଲକ ଅଫିସ ଘେରାଉ, ବିଡିଓଙ୍କୁ ଦାବିପତ୍ର

- ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ ଆଣିଲା ଭାଜପା
- ସପ୍ତାହକ ମଧରେ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତି ଦାବି

ଚନ୍ଦାହାଣ୍ଡି, ୮।୨(ଡି.ଏନ୍.ଏ.)




ଭାଜପା ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଚଳିତ ବର୍ଷର ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କ ନାମ ସମ୍ଭାବ୍ୟ ତାଲିକାରୁ ବାଦ୍ ପଡ଼ିବା ନେଇ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଭାଜପା ପକ୍ଷରୁ ବ୍ଲକ ଅଫିସ ଘେରାଉ ସହ ବିଡିଓ ଧର୍ମରାଜ ମାଝିଙ୍କୁ ଏକ ଦାବିପତ୍ର ଦିଆଯାଇଛି। ମଣ୍ଡଳ ସଭାପତି ପ୍ରତାପ ବାଘଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ସ୍ଥାନୀୟ ତାରିଣୀ ପେଟ୍ରୋଲ ପମ୍ପଠାରୁ ବାହାରିଥିଲା।

ଶତାଧିକ କର୍ମୀ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ବ୍ୟାପକ ଅନିୟମିତତା ପ୍ରସଙ୍ଗରେ ଏକ ଦାବିପତ୍ର ସହ ହିତାଧିକାରୀ ତାଲିକା ବିଡିଓଙ୍କୁ ପ୍ରଦାନ କରିଛନ୍ତି। ପୂର୍ବରୁ ଚନ୍ଦାହାଣ୍ଡି ବ୍ଲକରେ ଶହ ଶହ ଆବାସ ଗୃହ ଅଧା ତିଆରି ହୋଇ ପଡ଼ି ଥିବାବେଳେ ଏକାଧିକ ଘର ନିମ୍ନମାନର ତିଆରି ହୋଇଥିବା ଭାଜପା ଅଭିଯୋଗ କରିଛି। ବର୍ତ୍ତମାନ ବ୍ଲକରେ ହଜାର ହଜାର ଯୋଗ୍ୟ ହିତାଧିକାରୀ ସମ୍ଭାବ୍ୟ ତାଲିକାରୁ ବାଦ୍ ପଡ଼ିଥିବାବେଳେ ଯାହାର ଆବାସ ଗୃହ ପୂର୍ବରୁ ମିଳିସାରିଛି ସେହି ପରିବାର ହିତାଧିକାରୀ ନୂଆ ତାଲିକାରେ ନାମ ପ୍ରକାଶ ପାଇଥିବା ଭାଜପା କହିଛି। ସପ୍ତାହକ ମଧରେ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। କେନ୍ଦ୍ର ସରକାରଙ୍କ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ଶାସକ ଦଳର ଚାପରେ ଏଥିରୁ ଉଦ୍ଦେଶ୍ୟମୂଳକ ବଞ୍ଚିତ କରାଯାଉଥିବା ଭାଜପା ଅଭିଯୋଗ କରିଛି। ଦାବିପତ୍ର ପ୍ରଦାନ ବେଳେ ରାୟଗଡ଼ା ଜିଲା ପ୍ରଭାରୀ ଗୋବିନ୍ଦ ଜୈନ, ଜିଲା କାର୍ଯକାରିଣୀ ସଦସ୍ୟ ଦିଲୀପ ଦାସ, ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ଶ୍ୟାମସୁନ୍ଦର ମାଝି, ମହିଳା ମୋର୍ଚ୍ଚା ସଭାନେତ୍ରୀ ହେମଲତା ବାଘ, ବରିଷ୍ଠ ଭାଜପା ନେତା ବସନ୍ତ ମାଝି, ନରସିଂହ ଭତ୍ରା, ଫିରୋଜ ଷଡ଼ଙ୍ଗୀ, ଯୁବମୋର୍ଚ୍ଚା ସଭାପତି ଯାଦବ ବଗର୍ତ୍ତି, ଭୋଦେବ ବାଘ, ଭରତ ବାଘ, ପ୍ରଭାତ ସୁନା, ମୁରଲୀ ପୋଡ଼, କୁଞ୍ଜ ଭଇସାଲ, ଗୁଞ୍ଜୁ ପୂଜାରୀ, ଲୋଚନ କଟା, ଡମ୍ବରୁ ନାୟକ, ପଦ୍ମନ ପୋଡ଼, ଭୀମ ହଂସ, କେଦାର ପୂଜାରୀ ପ୍ରମୁଖ ଯୋଗଦେଇଥିଲେ ।

## ସଂକ୍ଷେପରେ

### ବିଜୟ ହତ୍ୟା ମାମଲା
### ୪ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି ପୋଲିସ

କୋରାପୁଟ,୮।୨ (ସ୍ୱ.ପ୍ର.): କୋରାପୁଟ ସହରର ଶିଶୁ ବିଦ୍ୟାମନ୍ଦିର ନିକଟରେ ରହୁଥିବା ବିଜୟ ପଣ୍ଡାଙ୍କ ହତ୍ୟା ଘଟଣାରେ ଟାଉନ ଥାନା ପୋଲିସ ପକ୍ଷରୁ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ତଦନ୍ତ କରୁଛି। ସହରର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ପୋଲିସ ୪ଜଣଙ୍କୁ ଧରିଆଣି ଅଟକ ରଖି ପଚାରଉଚରା ଚଳାଇଛି। ଗତ ୬ ତାରିଖ ବିଳମ୍ବିତ ରାତିରେ ବିଜୟ କେତେ ଜଣ ସାଙ୍ଗଙ୍କ ସହ ଭୋଜନ କରି ଘରକୁ ଫେରିଥିଲେ। ସେ ଶୋଇପଡ଼ିଥିବା ବେଳେ କୌଣସି ଦୁର୍ବୃତ୍ତ ତାଙ୍କ ବେକକୁ ଧାରୁଆ ଅସ୍ତ୍ରରେ କାଟି ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ନେଇ ଅଭିଯୋଗ ପରେ ଟାଉନ ଥାନାରେ ୩୬/୨୩ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ବିଜୟଙ୍କ ଘର ଚତୁଃପାର୍ଶ୍ୱ ଅନୁଧାନ କରିବା ସହ ସେ ଯେଉଁମାନଙ୍କ ସହ ରାତ୍ର ଭୋଜନ କରିଥିଲେ, ବିଳମ୍ବିତ ରାତିରେ କେଉଁମାନେ ତାଙ୍କ ସହ ଯିବା ଆସିବା କରିଛନ୍ତି ସିସିଟିଭି ଫୁଟେଜକୁ ଧରି ତଦନ୍ତ କରାଯାଉଛି। ଘଟଣାର ପର୍ଦ୍ଦାଫାଶ ଖୁବ୍‌ଶୀଘ୍ର ହେବ ବୋଲି ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି।

### ଟ୍ରାକ୍ଟର ଟ୍ରଲି, ଧାନ ଅମଳ ମେଶିନ ଜଳିଗଲା

ଭଞ୍ଜନଗର,୮।୨(ଡି.ଏନ.ଏ): ଭଞ୍ଜନଗର ତହସିଲ ମାଙ୍କଡ଼କୁମ୍ଭା ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟି ପ୍ରକାଶ ଗଉଡଙ୍କ ଟ୍ରାକ୍ଟର ଟ୍ରଲି ଏବଂ ଧାନ ଅମଳ ମେଶିନ ଜଳିଯାଇଛି। ଏଥିସହ ପ୍ରସନ୍ନ ଗଉଡଙ୍କ ଦୁଇଟି ପାଳ ଗଦା ପୋଡ଼ିଯାଇଛି। ଖବର ପାଇ ଭଞ୍ଜନଗର ଅଗ୍ନିଶମ ଏବଂ ଜରୁରୀ କାଳୀନ ସେବା ଅଧିକାରୀ ସମୀର କୁମାର ବିଶ୍ୱାଳଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ।

### ଗଞ୍ଜେଇ ଚାଲାଣକାରୀ ଗିରଫ

ବାଲିଗୁଡ଼ା,୮।୨(ଡି.ଏନ.ଏ.): ଗଞ୍ଜେଇ ଚୋରା ଚାଲାଣ ପାଇଁ ସଜବାଜ ହେଉଥିବା ବେଳେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଘୋଡ଼ାବାଲି ଗ୍ରାମର ଦୌରଥ ବାଘ। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ସବ ଇନ୍ସପେକ୍ଟର ଆଶୁତୋଷ ପାଇକରାୟ ନିଜ ଟିମ ସହ ପାଟ୍ରୋଲିଂ କରୁଥିବା ସମୟରେ ଲଣ୍ଡାଗାଁ ପଞ୍ଚାୟତର ଘୋଡାବାଲି ଗାଁ ନିକଟରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ସଜବାଜ ହେଉଥିବାବେଳେ ୬୨ କେଜି ୨୫୦ ଗ୍ରାମ ଗଞ୍ଜେଇ ସହ ଦୌରଥ ବାଘଙ୍କୁ ଧରିଥିଲା।

### କ୍ଷତିଗ୍ରସ୍ତ ଜମାକାରୀଙ୍କ ସତ୍ୟାଗ୍ରହ

ଛତ୍ରପୁର,୮।୨(ଡି.ଏନ୍.ଏ.): ବିଭିନ୍ନ କମ୍ପାନୀ ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀଙ୍କ ଜମା ଧନରାଶି ତୁରନ୍ତ ଫେରସ୍ତ ଦାବି ନେଇ ଗଞ୍ଜାମ ଜିଲାପାଳଙ୍କ ଅଫିସ ଆଗରେ ଗଣ ସତ୍ୟାଗ୍ରହ ଆରମ୍ଭ ହୋଇଛି। ଜମାକାରୀମାନେ ଛତ୍ରପୁର ଉପରବସଷ୍ଟାଣ୍ଡ ଛକ ନିକଟରୁ ରାଲିରେ ବାହାରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସଂସ୍ଥା ଗୁଡିକ ଜମାକାରୀଙ୍କୁ ଲୋଭନୀୟ ସ୍କିମ ଦେଖାଇ ପ୍ରଲୋଭିତ କରି ଜମାରାଶି ନେଇ ଟଙ୍କା ଫେରସ୍ତ ଦେଇନାହାନ୍ତି। ଜମା ହୋଇଥିବା ରାଶି ଉପରେ ସୁଧ ହାର ଯୋଡି ଟଙ୍କା ଫେରାଇବା ଦାବିରେ ଜମାକାରୀ ଗଣ ସତ୍ୟାଗ୍ରହ କରିଛନ୍ତି ।

# ୨୬ ବର୍ଷ ହେଲା ଆଦିବାସୀ ମାନ୍ୟତାରୁ ବଞ୍ଚିତ ଝୋଡ଼ିଆ ସମ୍ପ୍ରଦାୟ

- ପ୍ରଶାସନର ତ୍ରୁଟି, ସମସ୍ୟା ଭୋଗୁଛନ୍ତି ସମ୍ପ୍ରଦାୟର ଲୋକେ
- କେନ୍ଦ୍ର ସରକାର ନିକଟରେ ଅଟକିଛି ନିଷ୍ପତ୍ତି
- ପୁଣି କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବି ଜଣାଇଲେ

ରାୟଗଡ଼ା,୮।୨(ସ୍ୱ.ପ୍ର.)

ରାୟଗଡ଼ା, କୋରାପୁଟ ଓ କଳାହାଣ୍ଡି ଜିଲାରେ ବସବାସ କରୁଥିବା ଝୋଡ଼ିଆ ସମ୍ପ୍ରଦାୟର ଲୋକେ ଦୀର୍ଘ ବର୍ଷ ହେଲା ଅଦିବାସୀ ମାନ୍ୟତା ଦାବିକରି ଆସୁଛନ୍ତି। ହେଲେ ସେମାନଙ୍କ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ନିଆଯାଇପାରୁନି। ଫଳରେ ଏହା ବିଭିନ୍ନ ସମୟରେ ଏକ ବଡ଼ ପ୍ରସଙ୍ଗ ଭାବେ ଉଭା ହେଉଛି। ସାଧାରଣ ନିର୍ବାଚନ ପୂର୍ବରୁ ଏହି ପ୍ରସଙ୍ଗ ପୁନର୍ବାର ଉଠିଛି। ବୁଧବାର ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଝୋଡ଼ିଆ ସମାଜର ସଭାନେତ୍ରୀ ସୁମନୀ ଝୋଡ଼ିଆ, ଘାସିଆଣି ଝୋଡ଼ିଆ, ଗୁରୁନାଥ ଝୋଡ଼ିଆ ପ୍ରମୁଖ ଦିଲ୍ଲୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଏବଂ ଜନଜାତି କମିଶନରଙ୍କୁ ସାକ୍ଷାତ କରି ତୁରନ୍ତ ଝୋଡ଼ିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ପ୍ରଦାନ ନିମନ୍ତେ ଦାବି କରିଛନ୍ତି।

ପୂର୍ବରୁ ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଏକ ଚିଠିରେ ଏହି ପ୍ରସଙ୍ଗରେ ଜଣାଇଥିଲେ ଯେ, ଝୋଡ଼ିଆଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନ ନେଇ ୨୦୦୯ରେ ତତ୍କାଳୀନ ଉପା ସରକାରଙ୍କ ଅମଳରେ ରାଜ୍ୟ ସରକାର ଦୁଇଥର ପ୍ରସ୍ତାବ ଦେଇଥିଲେ। ସେ ସମୟରେ ଭାରତୀୟ ରେଜିଷ୍ଟ୍ରାର ଜେନେରାଲ ଏବଂ ଆଦିବାସୀ ମନ୍ତ୍ରଣାଳୟ ଏହାକୁ ଗ୍ରହଣ କରି ନ ଥିଲେ। ଯଦ୍ୱାରା ଝୋଡ଼ିଆ ସମ୍ପ୍ରଦାୟ ଆଦିବାସୀ ମାନ୍ୟତା ପାଇବାରେ ସମସ୍ୟା ସୃଷ୍ଟି ହେଉଛି। ଏବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପୁନର୍ବାର ଏହି ପ୍ରସ୍ତାବକୁ ରେଜିଷ୍ଟ୍ରାର ଜେନେରାଲଙ୍କ ନିକଟକୁ ପ୍ରସ୍ତାବ ଗୃହୀତ କରିବା ପାଇଁ


କେନ୍ଦ୍ରମନ୍ତ୍ରୀ ଦାବିପତ୍ର ଗ୍ରହଣ କରୁଛନ୍ତି।

ପଠାଇ ଅନୁରୋଧ କରିବ ବୋଲି ମୁଣ୍ଡା ଜଣାଇଥିଲେ। ଏଥିସହ ଏବେ ସରକାର ପୁନର୍ବାର ଉଦ୍ୟମ କରିବେ ବୋଲି ମଧ ସୂଚନା ଦେଇଥିଲେ। ଏଥିସହ ଏବେ ଏହି ମାମଲାର ସ୍ଥିତି କ'ଣ ରହିଛି ବୋଲି ପ୍ରଶ୍ନ କରିଛନ୍ତି। ଝୋଡ଼ିଆଙ୍କୁ ଆଦିବାସୀ ମାନ୍ୟତା ପ୍ରସଙ୍ଗ ଏବେ କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ନିକଟରେ ବିଚାରାଧୀନ ଥିବାରୁ ସମାଧାନ ପାଇଁ ବିଧାୟକ ମୁଦୁଲି ଦାବି ଦୋହରାଇଛନ୍ତି । ଅନ୍ୟପକ୍ଷରେ ଝୋଡ଼ିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ପ୍ରଦାନ ପାଇଁ ୨୦୧୯ରେ ରାଜ୍ୟ ସରକାର ସବୁଜ ସଙ୍କେତ ଦେଇ କେନ୍ଦ୍ର ସରକାରଙ୍କ ନିକଟକୁ ଦୁଇଥର ପ୍ରେରଣ କରିଛନ୍ତି। କିଛି ମାସ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ। ତଥାପି ଆଦିବାସୀ ମାନ୍ୟତା ମିଳୁ ନ ଥିବାରୁ ଝୋଡ଼ିଆ ମାନେ ସମସ୍ୟା ଭୋଗୁଛନ୍ତି ବୋଲି କୁହାଯାଇଛି। ୨୦୧୯ ଜାନୁୟାରୀ ୫ରେ ଝୋଡ଼ିଆ ସମାଜର ନେତ୍ରୀ ତଥା ସାମାଜିକକର୍ମୀ ସୁମନି ଝୋଡ଼ିଆଙ୍କ ନେତୃତ୍ୱରେ ଏକ ଟିମ୍ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ରାଜଭବନରେ ସାକ୍ଷାତ କରିଥିଲେ। ସେମାନେ ନିଜର ଅସୁବିଧା ଓ ଦାବି ରାଜ୍ୟପାଳଙ୍କୁ ଜଣାଇଥିଲେ। ରାଜ୍ୟପାଳ ଏହାକୁ ଗ୍ରହଣ କରି ଦୁଃଖ ପ୍ରକାଶ କରିବା ସହ ରାଷ୍ଟ୍ରପତିଙ୍କ ନଜରକୁ ଅଣାଯିବ ବୋଲି କହିଥିବା ଝୋଡ଼ିଆ ସମାଜ ପକ୍ଷରୁ ସୂଚନା ଦିଆଯାଇଥିଲା। ତଥାପି ଏ ପର୍ଯ୍ୟନ୍ତ ଝୋଡ଼ିଆ ସମ୍ପ୍ରଦାୟ ଆଦିବସୀ ମାନ୍ୟତା ପାଇବାରୁ ବଞ୍ଚିତ ରହିଛନ୍ତି। ପ୍ରକାଶଯୋଗ୍ୟ, ଝୋଡ଼ିଆ ସମ୍ପ୍ରଦାୟର ଲୋକେ ଦୀର୍ଘ ୨୬ ବର୍ଷ ହେଲା ଆଦିବାସୀ ମାନ୍ୟତା ଦାବି କରି ଆସୁଛନ୍ତି। ଏଥିପାଇଁ ସେମାନଙ୍କ ଏକ ପ୍ରତିନିଧି ଦଳ ବାରମ୍ବାର ଦିଲ୍ଲୀ ଠାରେ ବିଭିନ୍ନ ସମୟରେ କେନ୍ଦ୍ର ମନ୍ତ୍ରୀମାନଙ୍କୁ ଭେଟି ଦାବି ଜଣାଇଛନ୍ତି। ଝୋଡ଼ିଆ ସମ୍ପ୍ରଦାୟର ଏକ ଟିମ୍ ତତ୍କାଳୀନ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ମଧ ଭେଟି ଦାବି ଉପସ୍ଥାପନ କରିଥିଲେ। ଝୋଡ଼ିଆ ସମ୍ପ୍ରଦାୟ ପ୍ରକୃତରେ ଆଦିବାସୀ। ୧୯୯୭ ପର୍ଯ୍ୟନ୍ତ ଏମାନଙ୍କୁ ଆଦିବାସୀ ମାନ୍ୟତା ଦିଆଯାଉଥିଲା। କିନ୍ତୁ କାଶୀପୁରର ପୂର୍ବତନ ତହସିଲଦାରଙ୍କ ଜିଦ୍ ଓ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ସେମାନେ ମାନ୍ୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ଗୋଟିଏ ପରେ ଗୋଟିଏ ସରକାର ଆସୁଥିଲେ ମଧ ଝୋଡ଼ିଆଙ୍କ ସମସ୍ୟାର ସମାଧାନ ହୋଇପାରିନାହିଁ। ରାୟଗଡ଼ା ଜିଲାର କାଶୀପୁର ଓ କଲ୍ୟାଣସିଂହପୁର, କୋରାପୁଟ ଜିଲାର ଦଶମନ୍ତପୁର ଓ ଲକ୍ଷ୍ମୀପୁର ଏବଂ କଳାହାଣ୍ଡି ଜିଲାର ଥୁଆମୂଳରାମପୁର ବ୍ଲକରେ ୮୦ ହଜାରରୁ ଉର୍ଦ୍ଧ୍ୱ ଝୋଡ଼ିଆ ସମ୍ପ୍ରଦାୟର ଲୋକ ବାସ କରୁଛନ୍ତି । ଆଦିବାସୀ ମାନ୍ୟତା ଦାବି କରି ୨୦୧୨ ରେ ଏଥିପାଇଁ ଝୋଡ଼ିଆମାନେ ପଞ୍ଚାୟତ ନିର୍ବାଚନ ମଧ ବର୍ଜନ କରିଥିଲେ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ସମ୍ପ୍ରଦାୟର କେତେକ ଲୋକ ଆଦିବାସୀ ମାନ୍ୟତା ପାଇଥିବାବେଳେ ସିଂହଭାଗ ବଞ୍ଚିତ ରହିଛନ୍ତି। ସେମାନେ ସାଧାରଣବର୍ଗ ଭାବେ ପରିଗଣିତ ହେଉଛନ୍ତି। ରାଜ୍ୟ ସରକାର ନିଜର ସହମତି ପ୍ରଦାନ କରିଥିବାରୁ କେନ୍ଦ୍ର ସରକାର କିଛି ସ୍ପଷ୍ଟ ନିଷ୍ପତ୍ତି ନେବା ଜରୁରୀ ବୋଲି ବିଧାୟକ ମୁଦୁଲି କହିଛନ୍ତି।

# ଅଶ୍ଳୀଳ ଭିଡିଓ ଭାଇରାଲକୁ ନେଇ ଏତଲା

ଏମ୍‌ଭି ୭୯,୮।୨(ଡି.ଏନ.ଏ.)

ଅଶ୍ଳୀଳ ଭିଡ଼ିଓ ଭାଇରାଲକୁ କେନ୍ଦ୍ରକରି ଏମଭି–୭୯ ଥାନାରେ ବୁଧବାର ଏତଲା ହୋଇଛି। ଏ ନେଇ ପୋଲିସ ଅଙ୍ଗନୱାଡ଼ି ସୁପରଭାଇଜର ସରୋଜିନୀ ସାହୁ ଏବଂ ଭୁବନପାଲି ଅଙ୍ଗନୱାଡ଼ି କର୍ମୀଙ୍କ ସ୍ୱାମୀ ମହେନ୍ଦ୍ରଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରଛି। ଖବରରୁ ଜଣାପଡିଛି, ଜାନୁୟାରୀ ୧୯ରେ ଅଙ୍ଗନୱାଡି ସୁପ୍ରଭାଇଜର କଟନପଲ୍ଲି ଅଙ୍ଗନୱାଡି କେନ୍ଦ୍ରକୁ ଯାଇଥିଲେ। ସେହି ସମୟରେ ଜଣେ ଛୁଆ ରୋଷେୟାଙ୍କ ଶାଢ଼ୀ ଉପରେ ଝାଡା ଫେରିଥିଲେ। ତେଣୁ ରୋଷେୟା ଜଣକ ଷ୍ଟୋର ରୁମରେ ଯାଇ ଶାଢ଼ୀ ବଦଳାଉଥିଲେ। ସେସମୟରେ ମୋବାଇଲରେ ସୁପରଭାଇଜର ସରୋଜିନୀ ରୋଷେଇୟାଙ୍କ ଭିଡିଓ ସୁଟିଂ କରି ତାଣ୍ଡବାଇ ସେକ୍ଟର ଏଡବ୍ଲ୍ୟୁଡବ୍ଲ୍ୟୁ ଗ୍ରୁପ୍‌ରେ ପୋଷ୍ଟ କରିଥିବା ଅଭିଯୋଗ ହେଉଛି। ରୋଷେୟା ଏତଲା ଦେବା ପରେ ଜାନୁଆରୀ ୩ରେ ପୋଲିସ ୧୩/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଏତଲାକୁ ଉଠାଇନେବାକୁ ଚାପ ପକାଇବା ପାଇଁ ସୁପରଭାଇଜର ସରୋଜିନୀ ଏବଂ ମହେନ୍ଦ୍ର ଦୁହେଁ କଟନପଲ୍ଲି ଗ୍ରାମର କେତେକ ବ୍ୟକ୍ତିଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇଥିଲେ। ରୋଷେୟାଙ୍କୁ ଏତଲା ହଟାଇବାକୁ ବାଧ୍ୟ କରି ଏକ କଙ୍ଗାରୁ କୋର୍ଟ ମଧ ହୋଇଥିଲା । ଏନେଇ ପ୍ରଶାସନ ପକ୍ଷରୁ କିଛି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଆଗାମୀ ଦିନରେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିବେ ବୋଲି ରୋଷେୟା ଜଣକ କହିଛନ୍ତି। ଏସମ୍ପର୍କରେ ସୁପରଭାଇଜରଙ୍କୁ ପଚାରିବାରୁ ସେ କହିଲେ, ସେ ପରିଦର୍ଶନରେ ଯାଇଥିବା ବେଳେ ସମୟ ସକାଳ ସାଢେ ୯ଟା ହୋଇଯାଇଥିଲେ ସୁଦ୍ଧା ପିଲାଙ୍କୁ ସକାଳର ଜଳପାନ ପ୍ରଦାନ କରାଯାଇ ନ ଥିଲା। ଷ୍ଟୋରରୁମରେ ଚାଉଳ ଏଣେତେଣେ ପଡିଥିଲା। ରୋଷେୟା ଜଣକ ମୋତେ ଦେଖି ଶାଢୀ ମଧ ପିନ୍ଧିସାରିଥିଲେ ବୋଲି କହି ଭିଡିଓ ଭାଇରାଲକୁ ଏଡାଇ ଯାଇଥିଲେ।

# ଜଳର ସୁବିନିଯୋଗ ଉପରେ ଗୁରୁତ୍ୱ

## ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କୋରାପୁଟ,୮।୨(ସ୍ୱ.ପ୍ର.)

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି କେନ୍ଦ୍ରଠାରେ ବୁଧବାର ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି । ଅପର କୋଲାବ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ବିକେ ରାଓଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ପଡାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପାଣିପଞ୍ଚାୟତ ଦ୍ୱାରା ସମୁଚିତ ଉପାୟ ଅବଲମ୍ବନ କରି ଜଳର ସୁବ୍ୟବହାର କରିବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ବୋରିଗୁମ୍ମା ଅପରକୋଲାବ ଜଳସେଚନ ବିଭାଜନର ପୀତବାସ ସେଠୀ,ସମ୍ମାନିତ ଅତିଥିଭାବେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, କୋଟପାଡ ବିଧାୟିକା ପଦ୍ମିନୀ ଦିଆନ, ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲକା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଗୌର ଶିବାଜୀ ଇସଲୱାର, ପାଣି ପଞ୍ଚାୟତ ଶୀର୍ଷ କମିଟି ସଭାପତି ବାଳକୃଷ୍ଣ ବିଷୋୟୀ ପ୍ରମୁଖ ଯୋଗଦେଇ ପାଣି ପଞ୍ଚାୟତ ପକ୍ଷର ମୁଖ୍ୟ ଉଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଅପର କୋଲାବ ମୁଖ୍ୟ ବନ୍ଧର ଅଧୀକ୍ଷଣ ଯନ୍ତ୍ରୀ ସରୋଜ ସାହୁ, ଜୟପୁର କ୍ଷୁଦ୍ର ଜଳସେଚନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ସୁବାଷ ଚନ୍ଦ୍ର ସେଠୀ, କୋରାପୁଟସ୍ଥିତ ଉଠାଜଳସେଚନ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ପାତ୍ର ଓ ନାବାର୍ଡର ଏଜିଏମ ଏମ.ଏମ. ବେହେରା ଉପସ୍ଥିତ ରହି ଚାଷୀମାନଙ୍କୁ ଉତ୍ସାହିତ କରି ସରକାରଙ୍କ ବିଭିନ୍ନ ସୁବିଧାର ଲାଭ ନେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଆୟୋଜିତ ପ୍ରବନ୍ଧ, କୁଇଜ, ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ବେହେରା ପରିଚାଳନା କରିଥିଲେ।

# ବିଏସ୍‌ଏଫ୍ ପକ୍ଷରୁ ଜନ ସମ୍ପର୍କ ଶିବିର

ବୈପାରିଗୁଡା,୮।୨ (ଡି.ଏନ୍.ଏ.)

ବୈପାରିଗୁଡାଥାନାଅନ୍ତର୍ଗତମନ୍ତ୍ରିଆମ୍ବସ୍ଥିତ ୧୫୧ ବିଏସ୍‌ଏଫ୍ ବାଟାଲିୟନ ପକ୍ଷରୁ ବୁଧବାର ଶୁକ୍ରିଗୁଡାଠାରେ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଶୁକ୍ରିଗୁଡା ସମେତ ନିକଟବର୍ତ୍ତୀ ଶରନ୍ଦାଜୋଡି, ଅଣ୍ଡରି, ପଣ୍ଡିତବେଡା ଏବଂ ମନ୍ତ୍ରିଆମ୍ବ ଗ୍ରାମର ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ବିଏସ୍‌ଏଫ୍ କମାଣ୍ଡାଣ୍ଟ ଅଜୟ କୁମାର ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଲୋକଙ୍କୁ ଆବଶ୍ୟକୀୟ ଘରୋଇ ସାମଗ୍ରୀ ,ପାଠ୍ୟ ଉପକରଣ ଓ କ୍ରୀଡା ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ଡାକ୍ତରଙ୍କ ଦ୍ୱାରା ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା।

# ନିୟୋଜିତ କର୍ମଚାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଜିଲାସ୍ତରୀୟ କୃଷିଭିତ୍ତିକ ଗଣନା ପ୍ରଶିକ୍ଷଣ ଶିବିର


ମାଲକାନଗିରିରେ ପ୍ରଶିକ୍ଷଣରେ ସାମିଲ ହୋଇଥିବା କର୍ମଚାରୀ।

ମାଲକାନଗିରି/କାଲିମେଲା, ୮।୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ୧୧ତମ କୃଷିଭିତ୍ତିକ ଗଣନା ସମ୍ପର୍କିତ ଏକ ୨ଦିନିଆ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ରତ୍ନାକର ସାହୁ ମିଳିତ ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଚାଷୀଙ୍କ ବିକାଶ ଏହି କୃଷି ଭିତ୍ତିକ ଗଣନା ଶିବିରର ମୁଖ୍ୟ ଉଦ୍ଦେଶ୍ୟ। ଏହା ଚାଷୀମାନଙ୍କ ରୋଜଗାର ଓ ଉତ୍ପାଦନ ବୃଦ୍ଧିରେ ସହାୟକ ହେବ ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ସାହୁ କହିଥିଲେ। ରାଜ୍ୟ ସରକାର ଖାଦ୍ୟ ନିରାପତ୍ତା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି କାର୍ଯ୍ୟକ୍ରମ ପ୍ରତ୍ୟକ୍ଷ ଭାବେ ଖାଦ୍ୟ ସୁରକ୍ଷା ଓ ଜୀବନ ଜୀବିକା ଉପରେ ପ୍ରଭାବ ପକାଉଛି। ଏଥିରେ ନିୟୋଜିତ ସମସ୍ତ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି ବୋଲି ଅତିରିକ୍ତ ଜିଲାପାଳ ନାୟକ କହିଥିଲେ। ଜିଲା ଯୋଜନା ଓ ପର୍ଯ୍ୟାଲୋଚନା ଉପ ନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳେଇ ସ୍ୱାଗତ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ , ୧୯୭୦–୭୧ରେ ଦେଶରେ ପ୍ରଥମ କୃଷିଭିତ୍ତିକ ଗଣନା କାର୍ଯ୍ୟକାରୀ ହୋଇଥିଲା। ପ୍ରତ୍ୟେକ ୫ ବର୍ଷରେ ଥରେ ଏହି ଗଣନା କରାଯାଇଥାଏ। ଶିବିରରେ ଯୋଜନା ଓ ସଂଯୋଜନ, କୃଷି ଓ କୃଷକ ସଶକ୍ତୀକରଣ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ କାର୍ଯ୍ୟରତ ୭ଟି ବ୍ଲକର ୯୪ ଜଣ ସୁପରଭାଇଜର ଏବଂ ଏନୁମରେଟର ପ୍ରଶିକ୍ଷଣ ନେଇଛନ୍ତି। ୨୦୨୪ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଗଣନାରେ ଶତ ପ୍ରତିଶତ ଗ୍ରାମାଞ୍ଚଳ ଅନ୍ତର୍ଭୁକ୍ତ ହେବ । ସମସ୍ତ ତଥ୍ୟକୁ ଡିଜିଟାଲ ମାଧ୍ୟମରେ ସଂଗ୍ରହ କରାଯିବ। ଶିବିରରେ ଜିଲା ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଏସ୍‌ଓ ପରମେଶ୍ୱର ରାଉତ ଓ ଯୋଜନା ଅଧିକାରୀ ସୂର୍ଯ୍ୟଦେବ ପ୍ରଧାନ ଉପସ୍ଥିତ ଥିଲେ।

ସେହିପରି କାଲିମେଲା ବ୍ଲକ ସଦର ମହକୁମାସ୍ଥିତ ଜିଲା କୃଷି କାର୍ଯ୍ୟାଳୟରେ ୨ ଦିନିଆ କୃଷି ସମ୍ପ୍ରସାରଣ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଜିଲା କୃଷି ଅଧିକାରୀ ସୁବ୍ରତ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ କାଲିମେଳା ଉଦ୍ୟାନ କୃଷି ଅଧିକାରୀ ଶୁଭେନ୍ଦୁ ବିଶ୍ୱାସ, ସହକାରୀ କୃଷି ଅଧିକାରୀ ସୁକାନ୍ତି ବାକା, ଜଳ ବିଭାଜିକା ଅଧିକାରୀ ନିହାର ରଞ୍ଜନ ଜେନା ଉପସ୍ଥିତ ରହି ସେମାନଙ୍କ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଗ୍ରାମ୍ୟ କୃଷି ମିତ୍ର, ପାଣି ମିତ୍ରମାନଙ୍କୁ ତାଲିମ ଦେଇଥିଲେ । କାର୍ଯ୍ୟକ୍ରମରେ ଗ୍ରାମ୍ୟ କୃଷି କର୍ମଚାରୀ ଆଶିଷ ସାମଲ, କୃଷ୍ଣ ବିଶୋୟୀ, ଦେବେନ୍ଦ୍ର ଜେନା, ବଂଶୀଧର ମଣ୍ଡାଙ୍ଗି, ଉଦୟ ଶବର, ଇନ୍ଦ୍ର ମାଡକାମି ଶିବିର ପରିଚାଳନା କରିଥିଲେ । ବିଟିଏମ୍ ପ୍ରବୀଣ ଦାସ ଧନ୍ୟବାଦ ଦେଇଥିଲେ।

# ତତ୍କାଳୀନ ବରିଷ୍ଠ କିରାଣିଙ୍କୁ ଗିରଫ କଲା ଭିଜିଲାନ୍ସ

## ସରକାରୀ ଅର୍ଥ ହଡପ ଘଟଣା

ନବରଙ୍ଗପୁର,୮।୨(ବି.ପ୍ର.)

ସରକାରୀ ଅର୍ଥ ହଡ଼ପ ଘଟଣାରେ ନବରଙ୍ଗପୁର ଜିଲା ଡାବୁଗାଁ ତହସିଲର ତତ୍କାଳୀନ ବରିଷ୍ଠ କିରାଣୀ ଚନ୍ଦନା ମଣ୍ଡଳଙ୍କୁ ଗିରଫ କରିଛି ଭିଜିଲାନ୍ସ। ଏହାପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ୬୯ ଲକ୍ଷ ୨୪ ହଜାର ୭୧୦ ଟଙ୍କା ସରକାରୀ ଅର୍ଥ ହଡପ କରିଥିବା ଘଟଣାରେ ଭିଜିଲାନ୍ସ ଥାନା କେସ ନମ୍ବର ୪/୨୩ରେ ମାମଲା ରୁଜୁ ସହ ତାଙ୍କୁ ଗିରଫ କରାଯାଇଥିବା ନବରଙ୍ଗପୁର ଭାରପ୍ରାପ୍ତ ଭିଜିଲାନ୍ସ ଡିଏସ୍‌ପି କଳାବତୀ ବାଗ କହିଛନ୍ତି।

ସୂଚନାନୁଯାୟୀ, ୨୦୧୨ରୁ ୨୦୧୬ ମଧ୍ୟରେ ଚଞ୍ଚକତା କରି ଚନ୍ଦନା ୧କୋଟି ୬୨ଲକ୍ଷ ଟଙ୍କା ସରକାରୀ ଅର୍ଥ ହଡପ କରିଥିବା ନେଇ ତାଙ୍କ ନାମରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଡାବୁଗାଁ ଥାନାରେ ତାଙ୍କ ନାମରେ ଏକ ମାମଲା ରୁଜୁ ହେବା ପରେ ପୋଲିସ ଓ ପ୍ରଶାସନ ପକ୍ଷରୁ ତଦନ୍ତ ହୋଇଥିଲା। ନିଲମ୍ବିତ ପରେ ତେନ୍ତୁଳିଖୁଣ୍ଟି ତହସିଲରେ ଅବସ୍ଥାପିତ କରାଯାଇଥିଲା। ତେବେ ସେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଦେଖାଇବା ଫେରାର ଥିଲେ। ୨୦୨୧ ଅକ୍ଟୋବରରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଚନ୍ଦନା ଜାମିନରେ ଆସିଥିଲେ। ପରବର୍ତ୍ତୀ ସମୟରେ ତତ୍କାଳୀନ ଜିଲାପାଳ ଅଜିତ କୁମାର ମିଶ୍ର ତାଙ୍କୁ ଚାକିରିରୁ ବହିଷ୍କାର କରିଥିଲେ। ଏହାକୁ ନେଇ ଚନ୍ଦନା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ।

# 'ଡିପିଆର୍‌କୁ ମଞ୍ଜୁରୀ ନ ମିଳିଲେ ଲାଭନାହିଁ'

## ଗୁଣୁପୁର-ଥେରୁବାଲି ରେଳ ପ୍ରକଳ୍ପ ବଜେଟରେ ମିଳିଛି ୫୦ କୋଟି

ଗୁଣପୁର,୮।୨(ଡି.ଏନ୍.ଏ.)

ଗୁଣପୁର–ଥେରୁବାଲି ରେଳଲାଇନ ପାଇଁ ଚଳିତ କେନ୍ଦ୍ରୀୟ ବଜେଟରେ ୫୦ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ୧୯୪୬ ଠାରୁ ପ୍ରସ୍ତାବିତ ଏହି ନୂତନ ରେଳଲାଇନ୍ ରାୟଗଡ଼ା ଜିଲା ତଥା ଓଡ଼ିଶାର ଏକ ପୁରାତନ ଦାବି। ଉକ୍ତ ବଜେଟ ବ୍ୟବସ୍ଥା ଏହି ଦିଗରେ ନୂତନ ଆଶାର ସଞ୍ଚାର କରିଛି । ଏପରି ସ୍ଥିତିରେ ଆନ୍ଧ୍ର– ଓଡ଼ିଶା ରେଳ ବ୍ୟବହାରିକ ସଂଘର ସଭାପତି ଡ. ସତ୍ୟ ପ୍ରକାଶ ପଣ୍ଡା କହିଛନ୍ତି, ବିନା କେନ୍ଦ୍ରୀୟ କ୍ୟାବିନେଟ ମଞ୍ଜୁରୀରେ ଏବେ ବଜେଟରେ ବ୍ୟବସ୍ଥା କରାଯାଇଥିବା ୫୦ କୋଟି ଟଙ୍କା ଖର୍ଚ୍ଚ ହେବା ସମ୍ଭବ ନୁହେଁ। ତେଣୁ ଗୁଣୁପୁର–ଥେରୁବାଲି ନୂଆ ରେଳଲାଇନ୍‌ର ଡିପିଆରକୁ ମଞ୍ଜୁରୀ ଦେବା ପାଇଁ ଡ. ପଣ୍ଡା ପ୍ରଧାନମନ୍ତ୍ରୀ ଏବଂ ଓଡ଼ିଶାର କେନ୍ଦ୍ରୀୟ ମନ୍ତ୍ରୀମାନଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି । ରେଳବାଇ ବୋର୍ଡ ପକ୍ଷରୁ ଏହି ପ୍ରସ୍ତାବର ଡିପିଆରକୁ ମଞ୍ଜୁରୀ ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ପ୍ରସ୍ତାବ ଦିଆଯାଇଥିଲା। ତାହା ଅନେକ ଦିନ ଧରି ନୀତି ଆୟୋଗ ପାଖରେ ପଡ଼ିରହିଲା। ନିତୀ ଆୟୋଗ ରେଲ୍‌ୱେର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଡକାଇ ଏହି ରେଳପଥ କାହିଁକି କରାଯିବା ଉଚିତ ସେ ବିଷୟରେ ଏକ ଶୁଣାଣି କଲେ। ଉକ୍ତ ନୂତନ ରେଳଲାଇନ୍ ହେଲେ ଏହି ଅଞ୍ଚଳର ବହୁବିଧ ଉନ୍ନତି ହେବା ସହ ରେଳବାଇର ରାଜସ୍ୱ ବୃଦ୍ଧି ପାଇବ। ଏହି ପ୍ରକଳ୍ପ ବିଷୟରେ ସେମାନେ ନିତୀ ଆୟୋଗକୁ ବୁଝାଇଥିଲେ। ଗତ ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ନିତୀ ଆୟୋଗ ବୁଝି ସାରିବା ପରେ ଏହି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ତାହାପରେ ପ୍ରସ୍ତାବ କେନ୍ଦ୍ରୀୟ କ୍ୟାବିନେଟ ପାଖକୁ ମଞ୍ଜୁରୀ ପାଇଁ ଯାଇଥିଲା। କେନ୍ଦ୍ରୀୟ କ୍ୟାବିନେଟରେ ୬ମାସ ହେଲା ଏହା ପଡ଼ିରହିଛି। କ୍ୟାବିନେଟ ନିଷ୍ପତ୍ତି ହେଲେ ଏହି ୫୦ କୋଟି ଟଙ୍କା ଖର୍ଚ୍ଚ ହୋଇପାରିବ ଏବଂ ଅନ୍ୟାନ ଆନୁଷଙ୍ଗିକ କାର୍ଯ୍ୟ ଆରମ୍ଭ ହେବ। ଖୁସିର କଥା ଓଡ଼ିଶା ସରକାର ଏହି ରେଳଲାଇନ୍ ପାଇଁ ନିଜ ଖର୍ଚ୍ଚରେ ଜମି ଅଧିଗ୍ରହଣ କରିବା ପାଇଁ ଦାୟିତ୍ୱ ନେଇଛନ୍ତି । ସେହି ଦୃଷ୍ଟିରୁ ଜମି ଅଧିଗ୍ରହଣ କରିବା ପାଇଁ ୧୬୦୦ କୋଟି ଟଙ୍କାର ପ୍ରସ୍ତାବକୁ ରାଜ୍ୟ ସରକାର ସ୍ୱୀକୃତି ହୋଇଛନ୍ତି। କେନ୍ଦ୍ରୀୟ କ୍ୟାବିନେଟରେ ଏ ପ୍ରସ୍ତାବ ମଞ୍ଜୁରୀ ହେଲେ ରେଳବାଇ ବୋର୍ଡ ଓଡ଼ିଶା ସରକାରଙ୍କୁ ଏହା ଜଣାଇବ। ଏହାପରେ ଜମି ଅଧିଗ୍ରହଣ ଆରମ୍ଭ ହେବ ଓ ରେଳଲାଇନ୍ କାର୍ଯ୍ୟ ଆରମ୍ଭ ହେବ। ଏହି ଦୃଷ୍ଟିରୁ ପ୍ରସ୍ତାବଟିକୁ କେନ୍ଦ୍ରୀୟ କ୍ୟାବିନେଟ ମଞ୍ଜୁରୀ ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଉ ବୋଲି ଡ. ପଣ୍ଡା କେନ୍ଦ୍ର ସରକାର ଏବଂ ଲୋକ ପ୍ରତିନିଧିଙ୍କୁ ଅନୁରୋଧ କରିଛନ୍ତି।

# ବ୍ଲକ ଅଫିସ ଘେରାଉ, ବିଡିଓଙ୍କୁ ଦାବିପତ୍ର

- ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ ଆଣିଲା ଭାଜପା
- ସପ୍ତାହକ ମଧ୍ୟରେ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତି ଦାବି

ଚନ୍ଦାହାଣ୍ଡି, ୮।୨(ଡି.ଏନ୍.ଏ.)

ଚଳିତ ବର୍ଷର ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କ ନାମ ସମ୍ଭାବ୍ୟ ତାଲିକାରୁ ବାଦ୍ ପଡ଼ିବା ନେଇ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଭାଜପା ପକ୍ଷରୁ ବ୍ଲକ ଅଫିସ ଘେରାଉ ସହ ବିଡିଓ ଧର୍ମରାଜ ମାଝିଙ୍କୁ ଏକ ଦାବିପତ୍ର ଦିଆଯାଇଛି। ମଣ୍ଡଳ ସଭାପତି ପ୍ରତାପ ବାଘଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ସ୍ଥାନୀୟ ତାରିଣୀ ପେଟ୍ରୋଲ ପମ୍ପଠାରୁ ବାହାରିଥିଲା।



ଭାଜପା ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଶତାଧିକ କର୍ମୀ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ବ୍ୟାପକ ଅନିୟମିତତା ପ୍ରସଙ୍ଗରେ ଏକ ଦାବିପତ୍ର ସହ ହିତାଧିକାରୀ ତାଲିକା ବିଡିଓଙ୍କୁ ପ୍ରଦାନ କରିଛନ୍ତି। ପୂର୍ବରୁ ଚନ୍ଦାହାଣ୍ଡି ବ୍ଲକରେ ଶହ ଶହ ଆବାସ ଗୃହ ଅଧା ତିଆରି ହୋଇ ପଡ଼ି ଥିବାବେଳେ ଏକାଧିକ ଘର ନିମ୍ନମାନର ତିଆରି ହୋଇଥିବା ଭାଜପା ଅଭିଯୋଗ କରିଛି। ବର୍ତ୍ତମାନ ବ୍ଲକରେ ହଜାର ହଜାର ଯୋଗ୍ୟ ହିତାଧିକାରୀ ସମ୍ଭାବ ତାଲିକାରୁ ବାଦ୍ ପଡ଼ିଥିବାବେଳେ ଯାହାର ଆବାସ ଗୃହ ପୂର୍ବରୁ ମିଳିସାରିଛି ସେହି ପରିବାର ହିତାଧିକାରୀ ନୂଆ ତାଲିକାରେ ନାମ ପ୍ରକାଶ ପାଇଥିବା ଭାଜପା କହିଛି। ସପ୍ତାହକ ମଧ୍ୟରେ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। କେନ୍ଦ୍ର ସରକାରଙ୍କ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ଶାସକ ଦଳର ଚାପରେ ଏଥିରୁ ଉଦ୍ଦେଶ୍ୟମୂଳକ ବଞ୍ଚିତ କରାଯାଉଥିବା ଭାଜପା ଅଭିଯୋଗ କରିଛି। ଦାବିପତ୍ର ପ୍ରଦାନ ବେଳେ ରାୟଗଡ଼ା ଜିଲା ପ୍ରଭାରୀ ଗୋବିନ୍ଦ ଜୈନ, ଜିଲା କାର୍ଯକାରିଣୀ ସଦସ୍ୟ ଦିଲୀପ ଦାସ, ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ଶ୍ୟାମସୁନ୍ଦର ମାଝି, ମହିଳା ମୋର୍ଚ୍ଚା ସଭାନେତ୍ରୀ ହେମଲତା ବାଘ, ବରିଷ୍ଠ ଭାଜପା ନେତା ବସନ୍ତ ମାଝି, ନରସିଂହ ଭତ୍ରା, ଫିରୋଜ ଷଡ଼ଙ୍ଗୀ, ଯୁବମୋର୍ଚ୍ଚା ସଭାପତି ଯାଦବ ବଗର୍ତ୍ତି, ଭୋଦେବ ବାଘ, ଭରତ ବାଘ, ପ୍ରଭାତ ସୁନା, ମୁରଲୀ ପୋଡ଼, କୁଞ୍ଜ ଭଇସାଲ, ଗୁଞ୍ଜୁ ପୂଜାରୀ, ଲୋଚନ କଟା, ଡମ୍ବରୁ ନାୟକ, ପଦ୍ମନ ପୋଡ଼, ଭୀମ ହଂସ, କେଦାର ପୂଜାରୀ ପ୍ରମୁଖ ଯୋଗଦେଇଥିଲେ ।

## ସଂକ୍ଷେପରେ

### ନୂତନ ତହସିଲଦାରଙ୍କୁ ଭେଟିଲେ ଖବରଦାତା



ଚନ୍ଦାହାଣ୍ଡି, ୮।୨(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଦାସଙ୍କ ନେତୃତ୍ୱରେ କ୍ଲବର ସମସ୍ତ ସଦସ୍ୟ ଚନ୍ଦାହାଣ୍ଡିର ନୂତନ ତହସିଲ ସ୍ୱିଗ୍ଧାରାଣୀ ପଲାଇଙ୍କୁ ସୌଜନ୍ୟମୂଳକ ସାକ୍ଷାତକରି ତାଙ୍କ ସହ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଚନ୍ଦାହାଣ୍ଡିରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ଉପରେ ବିଶେଷ ଦୃଷ୍ଟି ଦେବା ସହ ଗରୀବଙ୍କୁ ସମସ୍ତ ସୁବିଧା ଯୋଗାଇଦେବା ପ୍ରତି ବିଶେଷ ଦୃଷ୍ଟି ଦେବେ ବୋଲି ତହସିଲଦାର ଖବରଦାତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ପ୍ରେସ୍ କ୍ଲବ ସମ୍ପାଦକ ମୁକୁନ୍ଦ ବେଶ୍ରା, ଉପସଭାପତି ବାସୁଦେବ ସୁନା, ବରିଷ୍ଠ ଖବରଦାତା ମହମ୍ମଦ ହୁସେନ, କୋଷାଧକ୍ଷ ସଂଗ୍ରାମ କେଶରୀ ସାହ, ଖବରଦାତା ମନୋଜ ପାଣ୍ଡି, ଶ୍ୟାମସୁନ୍ଦର ସୁନାନୀ, କାମିନୀ ରଞ୍ଜନ ପାଣ୍ଡେ, ଦିବ୍ୟରଞ୍ଜନ ମହାପାତ୍ର, ହିମାଂଶୁ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଗାଁରେ ଅବକାରୀ ଚଢ଼ାଉ, ୨ ମଦ ବ୍ୟବସାୟୀ ଗିରଫ

ଚନ୍ଦାହାଣ୍ଡି, ୮।୨(ଡି.ଏନ୍.ଏ.): ଚନ୍ଦାହାଣ୍ଡି ବ୍ଲକରେ ବେଆଇନ ଦେଶୀ ମଦ ଗାଁ ଗାଁ ରେ, ଅବାଧ ଓ ବେଧଡକ ବିକ୍ରି ହେଉଥିବା ନେଇ ସ୍ଥାନୀୟ ମହିଳା ଓ ବୁଦ୍ଧିଜୀବୀ ଅଭିଯୋଗ କରିବା ପରେ ଅବକାରୀ ବିଭାଗ ତତ୍ପରତା ଦେଖାଇଛି। ଅବକାରୀ ଅଧୀକ୍ଷକ ଗଙ୍ଗା ପାଇକରାୟଙ୍କ ନିର୍ଦ୍ଦେଶକ୍ରମେ ରାଇଘର ଅବକାରୀ ନିରୀକ୍ଷକ ହରିହର ସିଂଙ୍କ ନେତୃତ୍ୱରେ ଅବକାରୀ ଅଧିକାରୀ ସୁଜିତ କୁମାର ନାଗ ଏକ ଟିମ୍ ସହ ଚନ୍ଦାହାଣ୍ଡି ବ୍ଲକର ଫଂଟିକି ପଞ୍ଚାୟତର ବିଭିନ୍ନ ଗାଁରେ ଚଢ଼ାଉ କରିଥିଲେ। ଫଂଟିକି ଗ୍ରାମର ସୁବାସ କରକରା(୫୬)ଘରେ ବେଆଇନଭାବେ ମଦ ରଖି ବିକ୍ରି କରୁଥିବା ଅବକାରୀ ଟିମ୍ ଜାଣିବାକୁ ପାଇଥିଲେ। ଏହାପରେ ସେଠାରେ ଚଢ଼ାଉକରି ୬୦ଲିଟର ମଦ ଜବତକରି ସୁବାସଙ୍କୁ ଗିରଫ କରିଥିଲା। ପାଟଖଲିଆ ପଞ୍ଚାୟତ ଅଧୀନ ଧୁରୁଆପଡ଼ା ଗ୍ରାମର ଲକ୍ଷ୍ମୀଧର ଝାଙ୍କର (୨୬)ଙ୍କ ଘରେ ଚଢ଼ାଉ ବେଳେ ଅବକାରୀ ଟିମ୍ ୩୦ ଲିଟର ବେଆଇନ ମଦ ଜବତ କରିଥିଲା। କେସ୍ ନଂ. ୬/୨୩ ଓ ୭/୨୩ରେ ମାମଲା ରୁଜୁକରି ଉଭୟଙ୍କୁ ଗିରଫ କରାଯାଇଥିଲା। ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତରେ ଉଭୟଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେମାନଙ୍କୁ ଜେଲକୁ ପଠାଯାଇଛି। ଏହି ଚଢ଼ାଉ ସମୟରେ ଏଏସ୍ଆଇ କୁଶ ଜାଲ, ସୁନାଧର କିର୍ଷାନୀ, ମହେନ୍ଦ୍ର ଭତ୍ରା, ଜ୍ୟୋତ୍ସ୍ନା ହରିଜନ, କାଳିମଣି ମୁଦୁଲି, ଅନନ୍ତ ମଲ୍ଲିକ, ପ୍ରସାଦ ବଳବନ୍ତରାଏ, ଉତ୍ତମ ମହାକୁଡ, ରମେଶଚନ୍ଦ୍ର ପ୍ରଧାନ, ବିବେକାନନ୍ଦ ସାହୁ ପ୍ରମୁଖ ସାମିଲ ଥିଲେ।

### ବାଲୁଙ୍କେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ



ରାଇଘର, ୮।୨(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଅଧୀନ ରାଇଘରରେ ଥିବା ସର୍ବ ପୁରାତନ ବାଲୁଙ୍କେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ମଙ୍ଗଳବାର ଦୀକ୍ଷା ଗ୍ରହଣ, ଗୋପୂଜା ଓ ଅଙ୍କୁରାରୋପଣ କରାଯାଇଥିଲା। ବୁଧବାର ସକାଳୁ କଳସଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଶାଳା ପ୍ରବେଶ ଆଦି କରାଯାଇଥିଲା। ଗୁରୁବାର ସୂର୍ଯ୍ୟପୂଜା, ଗୋପୂଜା, ଦ୍ୱାର ତୋରଣାଦି ପୂଜା, କୁଣ୍ଡ ସଂସ୍କାର, ଅଗ୍ନିସ୍ଥାପନ, ମହାସ୍ନାନ, ଅଧିବାସ, ନେତ୍ରୋନ୍ମିଳନ, ହୋମଯଜ୍ଞ, ନ୍ୟାସାଦି କର୍ମ, ନ୍ୟାସହୋମ କରାଯିବା ଯୋଜନା ରହିଛି। ଶୁକ୍ରବାର ସୂର୍ଯପୂଜା, ଗୋପୂଜା, ମଣ୍ଡଳାଦି ପୂଜା, ଦେବତାଦି, ସଂସ୍କାର, ଦେବତା ସ୍ଥାପନ ଓ ପୂର୍ଣ୍ଣାହୁତି ସହ ପ୍ରସାଦ ସେବନର ବ୍ୟବସ୍ଥା ରହିଥିବା ବାଲୁଙ୍କେଶ୍ୱର ଶିବମନ୍ଦିର କମିଟି ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ଦୀର୍ଘଦିନ ହେବ ମନ୍ଦିର ପ୍ରତିଷ୍ଠା କାମ ହୋଇପାରୁ ନ ଥିବାରୁ ବର୍ତ୍ତମାନ ମନ୍ଦିରର ଏକ ନୂତନ କମିଟି ଗଠନ କରାଯିବା ସହ ଗ୍ରାମବାସୀଙ୍କ ଉଦ୍ୟମରେ ମନ୍ଦିର ପ୍ରତିଷ୍ଠା କରାଯାଉଛି।

# ‘ପ୍ରତି ବୁନ୍ଦା ପାଣିକୁ କାମରେ ଲଗାଇ ଅଧିକ ଅମଳ କର’

## ନବରଙ୍ଗପୁର ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ନବରଙ୍ଗପୁର,୮।୨(ବି.ପ୍ର.)



ବୈଠକରେ ଜିଲାପାଳ ଓ ଅନ୍ୟ ଅତିଥିମାନେ।

ନବରଙ୍ଗପୁର ଜଳସେଚନ ବିଭାଗ ପକ୍ଷରୁ ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. କମଳଲୋଚନ ମିଶ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲାର କୃଷି ଓ କୃଷକଙ୍କ ଉନ୍ନତି ଓ ବିକାଶ କ୍ଷେତ୍ରରେ ପାଣିପଞ୍ଚାୟତଗୁଡ଼ିକୁ ସୁଦୃଢ଼ କରିବା ସହ ଆଧୁନିକ ପ୍ରଣାଳୀରେ କମ୍ ପାଣିରେ ବିଭିନ୍ନ ଚାଷ କିପରି କରିହେବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ଉଠା ଜଳସେଚନ ବିଭାଗର ଉପଦେଷ୍ଟା ପ୍ରମୋଦ ପାଢ଼ୀ ଯୋଗଦେଇ ପାଣି ପଞ୍ଚାୟତ ପକ୍ଷ ପାଳନ ଉଦ୍ଦେଶ୍ୟ ସମ୍ପର୍କରେ ମତ ଦେଇଥିଲେ। ଜିଲାର ଚାଷୀମାନେ ଅଧିକ ସଚେତନ ହୋଇ ଚାଷରେ ଆଧୁନିକ ପ୍ରଣାଳୀ ଆପଣାଇ ପ୍ରତି ବୁନ୍ଦା ପାଣିକୁ କାମରେ ଲଗାଇ ଅଧିକ ଅମଳ କରି ଲାଭବାନ କିପରି ଲାଭବାନ୍ ହେବେ ସେ ସମ୍ପର୍କରେ ଅତିଥିମାନେ କହିଥିଲେ। କୃଷିର ଉନ୍ନତି ଓ ବିକାଶ ପାଇଁ ଆବଶ୍ୟକ ଜଳସେଚନର ସୁବିଧା କରାଯାଇ ଚାଷୀମାନେ ଏଥିରୁ କିପରି ଉପକୃତ ହେବେ ସେ ଦିଗରେ ଚେଷ୍ଟା କରାଯିବ ବୋଲି ଉଠା ଜଳସେଚନ ବିଭାଗର ଉପଦେଷ୍ଟା ପାଢ଼ୀ ପ୍ରତଶ୍ରୁତି ଦେଇଥିଲେ। ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ପଦ୍ମଚରଣ ବେହେରା, କାଳିନ୍ଦୀ ଚରଣ ସେଠୀ, ଉଦ୍ୟାନ ବିଭାଗ ସହ ନିର୍ଦ୍ଦେଶକ ଭାବଗ୍ରାହୀ ବେହେରା, ଅତିରିକ୍ତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ସୁନୀଲ ପ୍ରଧାନ, ଡିଆଇପିଆର୍ଓ ହଳଧର ନିଆଳ, ଜିଲା ମତ୍ସ୍ୟ ଅଧିକାରୀ ଜଗଦୀଶ ରାଓ, ଆତ୍ମା ପ୍ରକଳ୍ପ ନିର୍ଦ୍ଦେଶକ କମଳଲୋଚନ ନାୟକ, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଭିଜିତ ପାଢ଼ୀଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, କୃଷକ, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଉଠା ଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ ଦିଲୀପ ଦାସ ପରିଚାଳନା କରିଥିଲେ।

# ନବରଙ୍ଗପୁରର ସାର୍ଥକ ମିଷ୍ଟର ଇଣ୍ଡିଆ




ଅତିଥିମାନେ ସାର୍ଥକଙ୍କୁ ପୁରସ୍କୃତ କରୁଛନ୍ତି।

## ମିଷ୍ଟର, ମିସ୍ ଓ ଟିନ୍ ଇଣ୍ଡିଆ ସୌନ୍ଦର୍ଯ୍ୟ ପ୍ରତିଯୋଗିତା

ନବରଙ୍ଗପୁର,୮।୨(ବି.ପ୍ର.)

ବିୟଣ୍ଡ ୟୁ ସଂସ୍ଥା ପକ୍ଷରୁ ଆୟୋଜିତ ମିଷ୍ଟର, ମିସ୍ ଓ ଟିନ୍ ଜାତୀୟସ୍ତର ପ୍ରତିଯୋଗିତାରେ ନବରଙ୍ଗପୁର ସହରର ସାର୍ଥକ ଆଚାରୀ ମିଷ୍ଟର ଇଣ୍ଡିଆ ଟାଇଟଲ ହାସଲ କରିଛନ୍ତି। ବିଗ୍‌ବସ୍ ବିଜେତା ପ୍ରିନ୍ସ ନରୁଲା ଅତିଥିଭାବେ ଯୋଗଦେଇ ତାଙ୍କୁ ସମ୍ମାନିତ କରିଛନ୍ତି।

ପୁରୀଠାରେ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ସାରା ଦେଶରୁ ୪୮୨ ପ୍ରତିଯୋଗୀ ରେଜିଷ୍ଟ୍ରେଶନ କରିଥିଲେ। ୱାଇଲ୍ଡ କାର୍ଡ ଏଣ୍ଟ୍ରିରେ ୫୦ ଜଣ ଆବେଦନ କରିଥିଲେ । ସେଥିରୁ ୩୦ ଜଣ ସେମିଫାଇନାଲିଷ୍ଟଙ୍କୁ ଚୟନ କରାଯାଇଥିଲା। ୧୫ ଦିନର ଅନ୍‌ଲାଇନ ଗ୍ରୁମିଂ ପରେ ପ୍ରି ଫାଇନାଲ୍ ସପ୍ତାହ ଆରମ୍ଭ ହୋଇଥିଲା। ଅଫ୍‌ଲାଇନ୍ ଗ୍ରାଣ୍ଡ ଫିନାଲରେ ୨ ଦିନରେ ଗ୍ରାଣ୍ଡ ସ୍ୱାଗତ, ପ୍ରତିଭା ରାଉଣ୍ଡ, ରିସର୍ଟ ପୋଷାକ ଶୁଟ୍, ବ୍ୟକ୍ତିଗତ ସାକ୍ଷାତ୍‌କାର, କୋରିଓଗ୍ରାଫି ଏବଂ ପ୍ରଡକ୍ଟ ସୁଟ୍ କରାଯାଇଥିଲା। ଏହାପରେ ମନ୍ଦିର ପରିଦର୍ଶନ, କୋରିଓଗ୍ରାଫି, ଜାତୀୟ ପୋଷାକ ରାଉଣ୍ଡ, ପରିଚୟ ରାଉଣ୍ଡ, ଇଣ୍ଡୋ ୱେଷ୍ଟର୍ନ ରାଉଣ୍ଡ, ସବ୍ ଟାଇଟଲ ଫେଲିସିଟେସନ୍ ଏବଂ ଗାଉନ୍ / ଫର୍ମାଲ୍ ରାଉଣ୍ଡକୁ ନେଇ ଗ୍ରାଣ୍ଡ ଫିନାଲେ କରାଯାଇଥିଲା। ଏଥିରେ ସାର୍ଥକ ପ୍ରଥମ ହୋଇଥିଲେ। ପ୍ରତ୍ୟେକ ବର୍ଗରୁ ଶ୍ରେଷ୍ଠ ୩ ବିଜେତା ଘୋଷଣା କରାଯାଉଥିଲା। ସାର୍ଥକ ଆଚାରୀ ମିଷ୍ଟର ଇଣ୍ଡିଆ ବିଜେତା ହୋଇଛନ୍ତି। ଉକ୍ତ ପ୍ରତିଯୋଗିତା ପ୍ରଥମ ଥର ପାଇଁ ଓଡ଼ିଶାରେ ଆୟୋଜନ କରାଯାଇଛି। ପ୍ରିନ୍ସ ନରୁଲା ଅତିଥି ଓ ସେମି ଜୁରି ଭାବରେ ଯୋଗଦେଇଥିଲେ। ବିୟଣ୍ଡ ୟୁ ସଂସ୍ଥାର ପ୍ରତିଷ୍ଠାତା ପ୍ରତୀକ୍ଷାଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଛି।

## ତହସିଲଦାରଙ୍କୁ ସ୍ୱାଗତ

ଉମରକୋଟ, ୮।୨(ସ୍ୱ.ପ୍ର.)

ଉମରକୋଟ ତହସିଲଦାର ଓ ଦେବୋତ୍ତର ବିଭାଗଭାବେ ତୁଳା ମୁଦୁଲି ଦାୟିତ୍ୱ ନେବା ପରେ ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ଦେବୋତ୍ତର କମିଟି ସମ୍ପାଦକ ଓ ସଭ୍ୟମାନେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି। ମନ୍ଦିର କମିଟିର ସମ୍ପାଦକ ରାମ ନାୟକ ଶ୍ରୀଜଗନ୍ନାଥ ମନ୍ଦିର ରୀତିନୀତି ସହ ମନ୍ଦିରର ଅନ୍ୟ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହା ସହିତ ମନ୍ଦିର କମିଟି ଦ୍ୱାରା ନୂତନ ଭାବେ ନିର୍ମିତ ହୋଇଥିବା ଦୋକାନ ଗୃହର ଟେଣ୍ଡର କରିବା ସମ୍ପର୍କରେ ଅବଗତ କରାଇଥିଲେ। ଏହି ସମୟରେ ଅତିରିକ୍ତ ତହସିଲଦାର ଡ. ଉମେଶ ପୂଜାରୀ, ମନ୍ଦିର କମିଟିର ସଭ୍ୟ ବିଦ୍ୟାଧର ଜେନା, ଜଟି ପଟ୍ଟନାୟକ, ଭୁବନେଶ୍ୱର ମାଝି, ଶାନ୍ତନୁ ସିଂ, ବିନୋଦ ମହାନ୍ତି, କୋସାଧକ୍ଷ ବିଘ୍ନରାଜ ସନ୍ତ୍ରା ଉପସ୍ଥିତ ଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ଉନ୍ନତି ଦିଗରେ ଚେଷ୍ଟା କରିବେ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ।

## ମଦ ଚାଲାଣ ବେଳେ ୨ ଗିରଫ

ଜୟପୁର, ୮।୨ (ନି.ପ୍ର.)

ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚରୀ ଚଢାଉକରି ୨ ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ଜୟପୁର ଜୟନଗରର ଜଗଦୀଶ ଗାଧବା ଓ କୁନ୍ଦାରିଗୁଡାର ସଇତା ପରାଜା । ଏହି ୨ଜଣ ମଦ ଚୋରାଚାଲାଣ କରୁଥିବା ସୂଚନା ପାଇ କର୍ମଚାରୀମାନେ ଜୟନଗର ଓ କୁନ୍ଦିରାଗୁଡାରେ ଚଢାଉ କରି ଉଭୟଙ୍କୁ ଧରିଥିଲେ। ସେମାନଙ୍କଠାରୁ ୨୯ ଲିଟର ଦେଶୀ ମଦ ଜବତ ହୋଇଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି ।

## ମହିଳାଙ୍କ ଆତ୍ମହତ୍ୟା

ଜୟପୁର, ୮।୨ (ନି.ପ୍ର.)

ଜୟପୁର ଜେଲ ରୋଡର ପିଙ୍କୁ ମାଝିଙ୍କ ସ୍ତ୍ରୀ ତୁଳା ମାଝି (୨୮) ବିଷ ପିଇ ଆତ୍ମହତ୍ୟା କରଛନ୍ତି । ତୁଳା ବୁଧବାର ବିଷ ପିଇ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ପରିବାର ଲୋକେ ଜୟପୁରସ୍ଥିତ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତୁଳାଙ୍କ ମୃତ୍ୟୁ ହୋଇଥିଲା । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ମାନ୍ୟମକୋଣ୍ଡା ଅଭିମୁଖେ ପୂଜାରୀଙ୍କ ପ୍ରଥମ ଦଳ କଲେ ଯାତ୍ରା



ବଡଯାତ୍ରା ଲାଗି ମାଉଲି ମା’ ମନ୍ଦିରଠାରୁ ବୁଧବାର ପୂଜାରୀଙ୍କ ପ୍ରଥମ ଦଳ ଯାତ୍ରା ଆରମ୍ଭ କରୁଛି।

## ବାଜିଲା ବଡଯାତ୍ରା ବିଗୁଲ୍

ମାଲକାନଗିରି,୮।୨(ଡି.ଏନ୍.ଏ.)

ମାଲକାନଗିରି ଜିଲାର ପୌରାଣିକ ଯାତ୍ରା ହେଉଛି ବଡଯାତ୍ରା। ପ୍ରତି ଦୁଇବର୍ଷକୁ ଥରେ ଅନୁଷ୍ଠିତ ହେଉଥିବା ଏହି ଯାତ୍ରା ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ପୂର୍ବରୁ ସମସ୍ତ ପ୍ରସ୍ତୁତି ବୈଠକ ସରିଛି। ବୁଧବାର ବଡଯାତ୍ରାର ବିଗୁଲ ବାଜିଛି। ମାଲକାନଗିରି ସଦର ମହକୁମା ମାଉଲି ମା’ ମନ୍ଦିରଠାରୁ ପୂଜାରୀମାନଙ୍କ ପ୍ରଥମ ଦଳର ଯାତ୍ରା ଆରମ୍ଭ ହୋଇଛି। ସେମାନେ ମାଲକାନଗିରି ମାଉଲି ମା’ ମନ୍ଦିରଠାରୁ ବାହାରି ଆସନ୍ତା ୧୨ ତାରିଖରେ ମାନ୍ୟମକୋଣ୍ଡାଠାରେ ପହଞ୍ଚିବେ। ପୂଜାରୀମାନେ ମାଲକାନଗିରିଠାରୁ ତମସା, କୁସୁବାଡା, ପୋତାଖାଲ, ଗୁମୁକା, କାଳିମେଳା, ବିଲିଗୁଡା, ଦୁକୋଣ୍ଡା ଦେଇ ପ୍ରାୟ ୯୦ କି.ମି. ଚାଲି ଚାଲି ମାନ୍ୟମକୋଣ୍ଡାରେ ପହଞ୍ଚିବେ। ସେଠାରେ ଛାମୁଣ୍ଡା ତିଆରି, ତେଲ ପେଡା, ସାଡବାନପାଲ୍ଲି ଗ୍ରାମରେ ଭଗବାନଙ୍କ ପ୍ରତିମା ତିଆରି ପାଇଁ ବାଉଁଶ ଆଣିବା, ପୋଲୁରୁ ଗ୍ରାମରେ ଭଗବାନଙ୍କ ଡଙ୍ଗା ତିଆରି, ପ୍ରତିମା ତିଆରି ପାଇଁ ମୟୂର ପୁଚ୍ଛ ବୁଣିବା ଭଳି କାର୍ଯ୍ୟ ପରେ ପରେ ୨୧ ତାରିଖରେ ମାଲକାନଗିରିଠାରେ ପୂଜାରୀଙ୍କ ଦ୍ୱାରା ଚାରିଦିଗ ସମ୍ପ୍ରଦାୟ ବନ୍ଧନ କାର୍ଯ୍ୟକ୍ରମ କରାଯିବ। ୨୩ ତାରିଖ ଦିନ ମାଲକାନଗିରିଠାରୁ ପୂଜାରୀଙ୍କ ଦ୍ୱିତୀୟ ଦଳ ଭଗବାନଙ୍କୁ ଆଣିବା ନିମନ୍ତେ ସିଂହାସନ ନିର୍ମାଣ କରି ବାହାରିବେ। ଏହି ଦ୍ୱିତୀୟ ଦଳ ୨୬ ତାରିଖରେ ପୋଲୁରୁ ଗ୍ରାମରେ ପହଞ୍ଚିବେ। ୨୭ରେ ତିନିଠାକୁର କାନାମରାଜୁ, ବାଲାରାଜୁ ଓ ପୋତରାଜୁଙ୍କ ସହ ମାଁ ମୁତ୍ୟାଲୁମାଙ୍କ ଯାତ୍ରା ଆରମ୍ଭ ହେବ। ମାନ୍ୟମକୋଣ୍ଡାରେ ଡଙ୍ଗା ଯାତ୍ରା, ପୋଲୁରୁ ଗ୍ରାମରେ ପ୍ରଥମ ଯାତ୍ରା ଓ ଭୋଗ ଅର୍ପଣ କରାଯିବା ପରେ ତିନି ଠାକୁର ଓ ମା’ ମୁତ୍ୟାଲୁମା ମାଲକାନଗିରି ଅଭିମୁଖେ ବାହାରିବେ। ମାର୍ଚ୍ଚ ୪ ତାରିଖରେ ମାଲକାନଗିରି ସହରରେ ତିନି ଠାକୁର ଓ ମା’ମୁତ୍ୟାଲୁମାଙ୍କ ପ୍ରବେଶ ହେବ। ମାଲକାନଗିରି ସଦର ମହକୁମାରେ ଚାରିଦିନ ଯାତ୍ରା ପରେ ମାର୍ଚ୍ଚ ୭ ତାରିଖ ରାତିରେ ଶେଷ ଭୋଗ ପରେ ତା’ପରଦିନ ପର୍ବାହ୍ନରେ ତିନି ଠାକୁରଙ୍କୁ ପୁଣି ଥରେ ମାନ୍ୟମକୋଣ୍ଡା ଅଭିମୁଖେ ବିଦାୟ ଯାତ୍ରା ହେବ। କାର୍ଯ୍ୟକ୍ରମରେ ବଡଯାତ୍ରା ପରିଚାଳନା କମିଟି ସଦସ୍ୟ ତଥା ତହସିଲଦାର ଚନ୍ଦନ ଭୋଇଙ୍କ ସହ ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତଥିଲେ।

# ବହୁମୁଖୀ ପ୍ରତିଭାର ଅଧିକାରିଣୀ ଥିଲେ କୁନ୍ତଳା କୁମାରୀ

## ମହିଳା ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ତରଫରୁ ପାଠଚକ୍ର



ପାଠଚକ୍ର କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀମାନେ।

ନବରଙ୍ଗପୁର, ୮।୨(ବି.ପ୍ର.)

ନାରୀକବି କୁନ୍ତଳା କୁମାରୀ ସାବତଙ୍କ ପୁଣ୍ୟ ଜୟନ୍ତୀ ଅବସରରେ ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ତରଫରୁ ଏକ ପାଠଚକ୍ର ଆୟୋଜିତ ହୋଇଛି। ଏଥିରେ ଓଡ଼ିଆ ବିଭାଗର ମୁଖ୍ୟ ତଥା ମହିଳା ସ୍ନାତକ ମହାବିଦ୍ୟାଳୟର ଅଧକ୍ଷା ମାଲେଶ୍ୱରୀ ସାହୁ ଅଧକ୍ଷତା କରି ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ମାନବବାଦୀ ଚେତନା ଦିଗରେ ଆଲୋକପାତ କରିଥିଲେ। ନବରଙ୍ଗପୁର ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ନନ୍ଦିତା ମିଶ୍ର ମୁଖ୍ୟ ଅତିଥି ଭବେ ଯୋଗଦେଇଥିଲେ। ସେ ନାରୀକବିଙ୍କ ବହୁମୁଖୀ ପ୍ରତିଭା ସହିତ ବିଶେଷକରି ଆଧ୍ୟାତ୍ମିକ ଚେତନା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥିଭାବେ ଇଂରାଜୀ ବିଭାଗର ଅଧାପକ ବିନୋଦ ବିହାରୀ ପ୍ରଧାନ ଯୋଗଦେଇ କୁନ୍ତଳା କୁମାରୀଙ୍କ ସୃଷ୍ଟିରେ ବାହ୍ୟ ପ୍ରକୃତି ସହିତ ମାନବର ଅନ୍ତଃ ପ୍ରକୃତିର ବ୍ୟାଖ୍ୟା ସମ୍ପର୍କରେ ସୂଚନା ଦେଇଥିଲେ। + ୩ ଛାତ୍ରୀମାନେ ନାରୀ କବିଙ୍କ ଜୀବନୀ ତଥା ତାଙ୍କ ସୃଷ୍ଟି ସମ୍ଭାର ସମ୍ପର୍କରେ ସ୍ୱରଚିତ ଲେଖା ପାଠ କରିଥିଲେ। ଓଡ଼ିଆ ବିଭାଗର ଅନ୍ୟତମ ଅଧାପକ ଲକ୍ଷ୍ମୀକାନ୍ତ ସୌରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ସଦସ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ଜଙ୍ଗଲରେ ନିଆଁ ନ ଲଗାଇବାକୁ ସଚେତନ କଲେ ଛାତ୍ରୀଛାତ୍ର

## ବନ ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ

ମୈଦଲପୁର,୮।୨(ଡି.ଏନ୍.ଏ.)



ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି।

ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ବନ ବିଭାଗ ପକ୍ଷରୁ ଆମ ଜଙ୍ଗଲ ଯୋଜନା ଅନୁଯାୟୀ, ଜଙ୍ଗଲର ନିଆଁ ନିୟନ୍ତ୍ରଣ ଏବଂ ପ୍ରତିରୋଧ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଡାବୁଗାଁ ରେଞ୍ଜର ସେତୁ ରଞ୍ଜନୀ ଗମାଙ୍ଗ, ଫରେଷ୍ଟର ଉମାକାନ୍ତ ପଟ୍ଟନାୟକ, ରମାକାନ୍ତ ସାହୁ, ବସନ୍ତ ନାୟକ, ପାପଡ଼ାହାଣ୍ଡି ଅଗ୍ନିଶମ ବିଭାଗ, ନୋଡାଲ ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ରୀଛାତ୍ର, ମୈଦଲପୁର, ଗାଦବା କତରା, ସେମଲା ସରପଞ୍ଚ ଓ ବନ ସୁରକ୍ଷା ସମିତି ସଭ୍ୟ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବୃକ୍ଷ ହିଁ ଜୀବନ, ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ, ଶିଶୁଟିଏ ବୃକ୍ଷଟିଏ ଆଦି ସ୍ଲୋଗାନ ଦେଇ ପରିକ୍ରମା କରିଥିଲେ। ସେମାନେ ସାପ୍ତାହିକ ବଜାରରେ ସଚେତନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଘରେ ବିକ୍ରି କରୁଥିଲେ ଗଞ୍ଜେଇ, ଧରିଲା ଅବକାରୀ ଟିମ୍

ଉମରକୋଟ,୮।୨(ସ୍ୱ.ପ୍ର.)



ଅଭିଯୁକ୍ତ ବଳରାମ।

ଗଞ୍ଜେଇ ବିକ୍ରି ଅଭିଯୋଗରେ ଉମରକୋଟ ବ୍ଲକ ତୋହରା ପଞ୍ଚାୟତ ଅଧୀନ କେରିପଦର ଗ୍ରାମର ବଳରାମ ନାୟକଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ୧୫୮/୨୩ ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ବଳରାମ ଘରେ ରଖି ଗଞ୍ଜେଇ ବିକ୍ରି କରୁଥିବା ଖବର ଅବକାରୀ ବିଭାଗକୁ ମିଳିଥିଲା। ଜିଲା ଅବକାରୀ ଅଧୀକ୍ଷକ ଗଙ୍ଗା ପାଇକରାୟଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଇନ୍ସପେକ୍ଟର ହରିହର ସିଂଙ୍କ ନେତୃତ୍ୱରେ ଏକ ଟିମ୍ ତାଙ୍କ ଘରେ ଚଢ଼ାଉ କରିଥିଲେ। ଏହି ସମୟରେ ୨ କିଲୋ ଗଞ୍ଜେଇ ବଳରାମଙ୍କ ଘରୁ ଅବକାରୀ ଟିମ୍ ଜବତ କରିଛି। ପୋଲିସ ବଳରାମଙ୍କୁ ଆଣି ଅବକାରୀ କାର୍ଯ୍ୟାଳୟରେ ଅଟକରଖି ପଚରାଉଚରା କରିଥିଲା। ଏହାପରେ ବୁଧବାର ୧୫୮/୨୩ରେ ମାମଲା ରୁଜୁକରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହି ଚଢ଼ାଉ ସମୟରେ ଓଆଇସି ମନୁ ଆୟଲ, ଏଏସ୍ଆଇ ସୁଦର୍ଶନ କିରସାନି, ଦେବାଶିଷ ଦାସ ଓ ଅନ୍ୟ ଅବକାରୀ ଅଧିକାରୀମାନେ ସାମିଲ ଥିଲେ।

# ନିୟମଗିରିରେ ପର୍ଯ୍ୟଟକଙ୍କ ପାଇଁ ହେବ ଇକୋ-କଟେଜ୍

■ ବହୁ ବାଦବିବାଦ ସତ୍ତ୍ୱେ ପ୍ରଶାସନର ଉଦ୍ୟମ ସଫଳ

■ ରାୟଗଡ଼ା ଜିଲାରେ ପର୍ଯ୍ୟଟନ କ୍ଷେତ୍ରରେ ଘଟିବ ବିକାଶ

ବିଷମକଟକ,୮।୨(ଡି.ଏନ୍.ଏ.)



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଗନ୍ନାଥ ସାରକା, ଜିଲାପାଳ ଓ ଅନ୍ୟମାନେ।

ପର୍ଯ୍ୟଟକ କ୍ଷେତ୍ରରେ ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ପ୍ରୟାସରେ ରାୟଗଡ଼ା ଜିଲାର ବିଷମକଟକ ବ୍ଲକ ନିୟମଗିରିପାଦଦେଶରେ ପର୍ଯ୍ୟଟକଙ୍କ ପାଇଁ କଟେଜ୍ ନିର୍ମାଣ ଯୋଜନା କରାଯାଇଥିଲା। ତେବେ ସ୍ଥାନୀୟ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଯୋଗୁ ୧ କୋଟି ଟଙ୍କା ଖର୍ଚ୍ଚରେ ହେବାକୁ ଥିବା ଏହି ପ୍ରକଳ୍ପ କାମ ଆଗକୁ ବଢ଼ିପାରି ନ ଥିଲା। ୩ ବର୍ଷ ପରେ ଏବେ ପ୍ରଶାସନିକ ଉଦ୍ୟମରେ ପ୍ରକଳ୍ପ କାର୍ଯ୍ୟକାରୀ ହେବାର ଆଶା ସୃଷ୍ଟିହୋଇଛି। ବୁଧବାର ବିଷମକଟକ ବ୍ଲକ କୁର୍ଲି ପଞ୍ଚାୟତ ଅନ୍ତର୍ଗତ ଖଜୁରୀ ଗ୍ରାମରେ କଟେଜ ନିର୍ମାଣ ନେଇ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସରକା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଠାରେ ଡଙ୍ଗରିଆଙ୍କ ପାରମ୍ପରିକ ଶୈଳୀରେ ୩ଟି କଟେଜ୍ ନିର୍ମାଣ କରାଯିବ। ୧ କୋଟି ଟଙ୍କା ଖର୍ଚ୍ଚରେ ଏହି କଟେଜ ନିର୍ମାଣ ହେବାକୁ ଥିବାବେଳେ ସ୍ଥାନୀୟ ଏକ ଘରୋଇ ଠିକାସଂସ୍ଥାକୁ ନିର୍ମାଣ ଦାୟିତ୍ୱ ଦିଆଯାଇଛି।

କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲାପାଳ ସ୍ୱଧାଦେବ ସିଂ, ଏସ୍‌ପି ବିବେକାନନ୍ଦ ଶର୍ମା, ବିଏସକେୱାଇ ଉପଦେଷ୍ଟା ସୁଧୀର ଦାସ, ଅନୁସୂଚିତ ଜାତି ଜନଜାତି ବିଭାଗର ପଛୁଆବର୍ଗ ବିକାଶ ବିଭାଗ ଉପଦେଷ୍ଟା ପୃଥ୍ୱୀରାଜ ସାହୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନୁସୂୟା ମାଝି, ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି, ବିଷମକଟକ ପଞ୍ଚାୟତ ସମିତି ଅଧକ୍ଷା ଯଶୋଦା ହୁଇକା, ଉପାଧକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, କୁର୍ଲି ସରପଞ୍ଚ ସୁବର୍ଦ୍ଧନୀ ୱାଡକା, ଚାଟିକୋଣା ସରପଞ୍ଚ ପି. କିରଣଲତା ପ୍ରମୁଖ ଉପସ୍ଥିତ ଥିଲେ। ବହୁ ବର୍ଷର ଅପେକ୍ଷା ପରେ ପ୍ରସ୍ତାବିତ କଟେଜ ପ୍ରକଳ୍ପ ନିର୍ମାଣର ପ୍ରଥମ ସୋପାନ ପାର କରିଥିବା କୁର୍ଲି ସରପଞ୍ଚ ୱାଡକା ଏଠାରେ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ ସମ୍ପୂର୍ଣ ହେଲେ ଏଠାକୁ ଦେଶ ବିଦେଶରୁ ପର୍ଯ୍ୟଟକ ଆସିବେ ଏହାଦ୍ୱାରା ନିୟମଗିରି ଏବଂ ଏହା ନିକଟବର୍ତ୍ତି ଅଞ୍ଚଳ ପାଇଁ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ଘଟିବ ବୋଲି ମନ୍ତ୍ରୀ ସରକା ପ୍ରକାଶ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଖଜୁରୀ ଗ୍ରାମଠାରେ ବହୁମୁଖୀ ଗୋଷ୍ଠୀ କେନ୍ଦ୍ର ସହ ଅନ୍ୟ ବିକାଶ ମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କୁର୍ଲି ପଞ୍ଚାୟତ ଖମ୍ଭେସୀ ଗ୍ରାମର ପିଲାମାନେ ବାଉଁଶ ଗଣ୍ଡିର ହକିଷ୍ଟିକ୍ ଓ ଚପଲକୁ ବଲ୍ ରୂପେ ବ୍ୟବହାର କରି ହକି ଖେଳୁଥିବା ଦେଖି ମନ୍ତ୍ରୀ ୨୦ ପିଲାଙ୍କୁ ହକିଷ୍ଟିକ୍ ଓ ବଲ୍ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଏହି ପିଲାଙ୍କ ପାଇଁ ଏକ ଖେଳ ପଡ଼ିଆର ବ୍ୟବସ୍ଥା କରିବା ସହ ଏମାନେ କିପରି ଆଗକୁ ବଢ଼ିବେ ସେ ନେଇ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

